ସାପ୍ତାହିକ
Postal Regd. No.: SBP/14/2019-2021
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 46 | 19 - 25 December 2021 | Sambalpur | Page-12 | Invitation Price Rs.10

# ଓଡ଼ିଶାରେ ମୁଣ୍ଡପିଛା ଆୟ ବଢ଼ିଛି: ରାଜ୍ୟ ସରକାରଙ୍କୁ ନୀତିଆୟୋଗର ପ୍ରଶଂସା

ଭୁବନେଶ୍ୱର: ଗତ ୫ ବର୍ଷରେ ଓଡ଼ିଶାବାସୀଙ୍କ ଆୟ ୬୭.୩୪% ବୃଦ୍ଧି ପାଇଛି । ୨୦୧୫-୧୬ରେ ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ବାର୍ଷିକ ୬୫,୯୯୩ ଟଙ୍କା ଥିବାବେଳେ ୨୦୧୯-୨୦ ରେ ଏହା ୧,୧୦,୪୩୪ ଟଙ୍କାକୁ ବୃଦ୍ଧି ପାଇଛି । କେବଳ ମୁଣ୍ଡପିଛା ପରି ରାଜ୍ୟର ସକଳ ଘରୋଇ ଉତ୍ପାଦ ମଧ ବୃଦ୍ଧି ପାଇଛି ।

ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟ ବୃଦ୍ଧି ହାର ଅପେକ୍ଷାକୃତ ଅଧିକ । ୨୦୧୬-୧୭ ରେ ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ୭୯,୧୯୧ ଟଙ୍କା, ୨୦୧୭-୧୮ରେ ୮୯,୩୫୩ ଟଙ୍କା, ୨୦୧୮-୧୯ ରେ ୧,୦୦,୭୭୧ ଟଙ୍କା ଏବଂ ୨୦୧୯-୨୦ ରେ ୧,୧୦,୪୩୪ ଟଙ୍କା ରହିଛି । ସେହିପରି ରାଜ୍ୟ ମୋଟ ସକଳ ଘରୋଇ ଉତ୍ପାଦର ମୁଣ୍ଡପିଛା ଭାଗ ମଧ ବୃଦ୍ଧି ପାଇଛି । ୨୦୧୫-୧୬ ରେ ଏହା ୫୮,୮୩୮ ରହିଥିଲା । ସେହିପରି ୨୦୧୬-୧୭ ରେ ୬୭,୮୫୧, ୨୦୧୭-୧୮ ରେ ୭୨,୯୨୨, ୨୦୧୮-୧୯ ରେ ୭୭,୫୩୧ ଏବଂ ୨୦୧୯-୨୦ ରେ ୮୨,୨୫୭ ରହିଛି । ଇତି ମଧରେ ନୀତି ଆୟୋଗ ଉପାଧକ୍ଷ ରାଜୀବ କୁମାର ରାଜ୍ୟରେ ଜନସାଧାରଣଙ୍କ ମୁଣ୍ଡପିଛା ଆୟ ହାର ବୃଦ୍ଧିକୁ ପ୍ରଶଂସା କରିଛନ୍ତି । ୨୦୧୧ ରୁ ୨୦୨୦ ମଧରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ବିକାଶ କରିଛି । ଓଡ଼ିଶାରେ ମୁଣ୍ଡପିଛା ଆୟ ବୃଦ୍ଧି ଜାତୀୟ ହାର ଠାରୁ ଅଧିକ ରହିଛି । ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାର ବିକାଶ ହାର ପ୍ରଶଂସନୀୟ । ୫ଟି ଏବଂ 'ମୋ ସରକାର' ବ୍ୟବସ୍ଥା ଓଡ଼ିଶାକୁ ବିକାଶ ପଥରେ ଆଗେଇ ନେଇଛି । ଏହା ଶୁଭ ସୂଚନା ବୋଲି କହିଛନ୍ତି ନୀତି ଆୟୋଗ ଉପାଧକ୍ଷ ଡକ୍ଟର ରାଜୀବ କୁମାର । ରାଜ୍ୟ ସରକାରଙ୍କର ସଫଳ କାର୍ଯ୍ୟକ୍ରମକୁ ରାଜୀବ କୁମାର ଭୂୟସୀ ପ୍ରଶଂସା କରିବା ସହ କିଛି କ୍ଷେତ୍ରରେ ଓଡ଼ିଶା ମଡେଲ ଅନ୍ୟ ରାଜ୍ୟ ଅନୁସରଣ କରିବା ଉଚିତ ବୋଲି କହିଛନ୍ତି । ୨୦୧୧-୨୦୨୦ ମଧରେ ଜାତୀୟ ହାର ତୁଳନାରେ ଓଡ଼ିଶାରେ ଲୋକମାନଙ୍କର ଆୟ ହାର ଉତ୍ସାହଜନକ ବୋଲି ସେ କହିଛନ୍ତି । ୧୦ ବର୍ଷ ମଧରେ ଜାତୀୟସ୍ତରରେ ମୁଣ୍ଡପିଛା ଆୟ ୧୧୧.୫% ବୃଦ୍ଧି କରିଥିବା ବେଳେ ଓଡ଼ିଶାରେ ଏହି ସମୟରେ ୧୧୫.୬% ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି । ରାଜ୍ୟର ସାଧାରଣ ଜନତା ଓ କୃଷକଙ୍କ ଆର୍ଥିକ ସ୍ଥିତିର ବିକାଶ ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ଜନହିତକର ଯୋଜନା ହିଁ ମୁଣ୍ଡପିଛା ଆୟ ହାର ବୃଦ୍ଧିରେ ବଡ଼ ଭୂମିକା ଗ୍ରହଣ କରିଥିବା କୁହାଯାଉଛି । ଗ୍ରାମାଞ୍ଚଳରେ ମିଶନଶକ୍ତି ଜରିଆରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନିମନ୍ତେ ବିନା ସୁଧରେ ଋଣ, ଆର୍ଥିକ ସହାୟତା ସହିତ ଚାଷୀମାନଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଏ କ୍ଷେତ୍ରରେ କାଳିଆ ଯୋଜନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କୁହାଯାଉଛି ।

# ଚଳିତ ବର୍ଷ ହୀରାକୁଦରେ ଇକୋ ରିଟ୍ରିଟ୍ ପୁଣି ଆରମ୍ଭ




ସମ୍ବଲପୁର : ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ହୀରାକୁଦ ଜଳଭଣ୍ଡାରର ଜମାଦାରପାଲିରେ ଇକୋ ରିଟ୍ରିଟ୍ ଆରମ୍ଭ ହୋଇଛି । ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦଘାଟନ କରିଛନ୍ତି । ପ୍ରକଳ୍ପ ସ୍ଥାନରେ ଉତ୍ତରାଞ୍ଚଳ ପୁଲିସ ଡିଆଇଜି ଡିଆଇଜି ଡକ୍ଟର ଦୀପକ କୁମାର, ଜିଲ୍ଲାପାଳ ଶୁଭମ ସକ୍ସେନା, କୁଚିଣ୍ଡା ବିଧାୟକ କିଶୋର ନାଏକ, ଉପ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ଉପ ନିର୍ଦ୍ଦେଶକ ହେମନ୍ତ ପ୍ରଧାନ ପରିଚାଳନା କରିଥିଲେ । ପର୍ଯ୍ୟଚନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ତଥା ଉପ ସଚିବ ଦେବାଶିଷ ସାହୁ, ପିଡି ଡିଆରଡିଏ ଦିଲ୍ଲୀପ କୁମାର ବଳ ସମେତ ସଦର ତହସିଲଦାର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟକମାନେ ବୋଟିଂ, ଜେଟ୍‌ସ୍କି, ପାରା ରାଇଡିଂ ଭଳି ରୋମାଞ୍ଚକର ଅନୁଭୂତି ସାଉଁଟିବା ସହିତ ଅସ୍ଥାୟୀ ତମ୍ବୁ ତଳେ ତାରକା ହୋଟେଲ, ବାର୍, ଭୋଜନାଳୟ, ଆଲୋଚନା ଗୃହ, ମୁକ୍ତାକାଶ ଭଳି ବିଭିନ୍ନ ପ୍ରକାର ସୁବିଧା ଉପଭୋଗ କରିପାରିବେ । ସେହିପରି ପ୍ରତିଦିନ ସନ୍ଧ୍ୟାରେ ପଶ୍ଚିମ ଓଡିଶାର କଳା ସଂସ୍କୃତି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ମଧ୍ୟ ପର୍ଯ୍ୟଟକଙ୍କୁ ମିଳିବ । ସୂଚନାଯୋଗ୍ୟ ଯେ, ହୀରାକୁଦ ଇକୋ ରିଟ୍ରିଟରେ ଏଥର ୨୦ଟି ଡିଲକ୍ସ ଏବଂ ୫ ଗୋଟି ପ୍ରିମିୟମ କଟେଜ ସୁବିଧା ରହିଛି । ଅନଲାଇନରେ ଏହାର ବୁକିଂ ବି ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ଫେବ୍ରୁଆରୀ ମାସ ଯାଏ ଚାଲିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ମୋଦୀଙ୍କୁ ଭୁଟାନର ସର୍ବୋଚ୍ଚ ସମ୍ମାନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭୁଟାନ ଏହାର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡର ଅଫ୍ ଦି ଡ୍ରକ୍ ଗ୍ୟାଲପୋ' ପ୍ରଦାନ କରିବ । ଭୁଟାନ ପ୍ରଧାନମନ୍ତ୍ରୀ ଲୋଟେ ଶେରିଂ ଏହି ଘୋଷଣା କରିଛନ୍ତି । ଭୁଟାନର ଜାତୀୟ ଦିବସ ଅବସରରେ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଶେରିଂ



କହିଛନ୍ତି । ପୂର୍ବରୁ ୨୦୧୬ ରେ ମୋଦୀ ସାଉଦି ଆରବର ଅଣ ମୁସଲମାନ ସର୍ବୋଚ୍ଚ ସମ୍ମାନ 'ଅର୍ଡର ଅଫ୍ ଅବଦୁଲାଜିଜ୍ ଅଲ୍ ସାଉଦ' ଲାଭ କରିଥିଲେ । ସେହି ବର୍ଷ ଆଫଗାନିସ୍ତାନର ସର୍ବୋଚ୍ଚ ନାଗରିକ ସମ୍ମାନ 'ଗାଜି ଅମିର ଅମନୁଲ୍ଲା ଖାଁ' ସମ୍ମାନ, ୨୦୧୮ ରେ 'ଗ୍ରାଣ୍ଡ କଲାର ଅଫ ଦି ଷ୍ଟେଟ ଅଫ୍ ବାଲେଷ୍ଟାଇନ' ସମ୍ମାନ, ୨୦୧୯ ରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ର ସର୍ବୋଚ୍ଚ ସମ୍ମାନ' ଅର୍ଡର ଅଫ୍ ଜୟେଦ୍ ସେହିବର୍ଷ ରୁଷିଆର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ର୍ୟୁ' ଏବଂ ମାଳଦ୍ୱୀପର ଶ୍ରେଷ୍ଠ ସମ୍ମାନ 'ଅର୍ଡର ଅଫ ଡିଷ୍ଟିଙ୍ଗୁଇସ୍‌ଡ ରୁଲ ଅଫ୍ ନିଶାନ ଇଜ୍ଜୁଦିନ' ଲାଭ କରିଥିଲେ । ୨୦୧୯ ରେ ମୋଦୀଙ୍କୁ ବାହାରିନର ଶ୍ରେଷ୍ଠ ସମ୍ମାନ 'କିଙ୍ଗ ହମାଦ ଅର୍ଡର ଅଫ ଦି ରେନାସ୍ନା' ପରେ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର 'ଲିଜିଅନ୍ ଅଫ୍ ମେରିଟ୍' ସମ୍ମାନ ପ୍ରଦାନ କରାଯାଇଥିଲା । ଏତଦ୍ ବ୍ୟତୀତ ମୋଦୀଙ୍କୁ ଆନ୍ତର୍ଜାତିକ ପୁରସ୍କାର ଓ ସମ୍ମାନ ମଧରେ ମିଳିଛି ସିଓଲ ଶାନ୍ତି ପୁରସ୍କାର (୨୦୧୮), ଜାତିସଂଘ ପ୍ରଦତ୍ତ ପରିବେଶ ସୁରକ୍ଷା ସମ୍ମାନ 'ଚାମ୍ପିଅନସ ଅଫ୍ ଦି ଆର୍ଥ ଆୱାର୍ଡ', ୨୦୧୯ ରେ ପ୍ରଥମ ଫିଲିପ୍ କୋଟଲର ପ୍ରେସିଡେନସିଆଲ ଆୱାର୍ଡ, ବିଲ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେସନ ପ୍ରଦତ୍ତ 'ଗ୍ଲୋବାଲ ଗୋଲକିପର ଆୱାର୍ଡ' ଏବଂ 'ସେରା' ପ୍ରଦତ୍ତ ଚଳିତ ବର୍ଷର 'ଗ୍ଲୋବାଲ ଏନର୍ଜି ଆଣ୍ଡ ଏନଭିରନମେଣ୍ଟ ଲିଡରସିପ୍ ଆୱାର୍ଡ ।

# ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସବିଶେଷ ପ୍ରସ୍ତାବ ଦେଇ ନାହିଁ: କେନ୍ଦ୍ର

ନୂଆଦିଲ୍ଲୀ : ଓଡ଼ିଶା ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟରୁ ସବିଶେଷ ପ୍ରସ୍ତାବ ମିଳି ନ ଥିବା କେନ୍ଦ୍ର ସରକାର ଲୋକସଭାରେ କହିଛନ୍ତି । ଭାଜପା ଏମ.ପି ବସନ୍ତ ପଣ୍ଡା, କଂଗ୍ରେସ ସଦସ୍ୟ ସପ୍ତଗିରି ଉଲାକାଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଲାଗି ରାଜ୍ୟ ସରକାର ଅନୁରୋଧ କରିଥିଲେ । ଏ ନେଇ ହାଇକୋର୍ଟଙ୍କ ସହ ପରାମର୍ଶ କରି ବେଞ୍ଚ ସ୍ଥାପନ ହେବାକୁ ଥିବା ସ୍ଥାନ ସମେତ ସବିଶେଷ ପ୍ରସ୍ତାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଥିଲା । ତେବେ ଏ ପର୍ଯ୍ୟନ୍ତ ଓଡ଼ିଶା ସରକାର ଏହାର ଜବାବ ଦେଇ ନାହାନ୍ତି । ତେଣୁ ବେଞ୍ଚ ସ୍ଥାପନ ଲାଗି କୌଣସି ସବିଶେଷ ପ୍ରସ୍ତାବ କେନ୍ଦ୍ରର ବିଚାରଧୀନ ନ ଥିବା ରିଜିକୁ କହିଛନ୍ତି । ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଲାଗି ରାଜ୍ୟ ସରକାର ଓ ଜନସାଧାରଣଙ୍କ ପକ୍ଷରୁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି । ଏଥିପାଇଁ ଅତୀତରେ ରାଜ୍ୟର ଆଇନଜୀବୀମାନେ ଏକାଧିକ ଥର ଧର୍ମଘଟ କରିଛନ୍ତି । ବିଜେଡି ଏମପିମାନେ ପାର୍ଲାମେଣ୍ଟରେ ଅନେକ ଥର ଏହି ପ୍ରସଙ୍ଗ ଉଠାଇଛନ୍ତି । ଚଳିତ ଅଧିବେଶନରେ ମଧ ବିଜେଡି ଏମପିମାନେ କେନ୍ଦ୍ର ସରକାରଙ୍କୁ ଏଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।



ଅନ୍ୟ ପକ୍ଷରେ ସମ୍ବଲପୁର ଠାରେ ଓଡ଼ିଶା ହାଇକୋର୍ଟର ଏକ ବେଞ୍ଚ ସ୍ଥାପନ କରିବାକୁ ବିଜେପି ସାଂସଦ ନିତେଶ ଗଙ୍ଗଦେବ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରଣ ରିଜିକୁଙ୍କୁ ଭେଟି ଦାବି କରିଛନ୍ତି । ଶ୍ରୀ ଗଙ୍ଗଦେବ କେନ୍ଦ୍ର ମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ଦେଇ କହିଛନ୍ତି ଯେ, ସମ୍ବଲପୁର ହେଉଛି ରାଜ୍ୟ ସାଂସ୍କୃତିକ ଓ ଧାର୍ମିକ କେନ୍ଦ୍ରସ୍ଥଳ । ଏହା ମଧ ପଶ୍ଚିମ ଓଡ଼ିଶାର ଉଦ୍ୟୋଗିକ, ଶିକ୍ଷାଗତ ଓ ବାଣିଜ୍ୟିକ ହବ୍ । ସମ୍ବଲପୁର ସହର ସହ ବିମାନ, ରେଳ ଓ ସଡ଼କ ଯୋଗାଯୋଗର ସୁବିଧା ରହିଛି । ପାଞ୍ଚ ଦଶନ୍ଧି ଧରି ସମ୍ବଲପୁର ବାର୍ ଆସୋସିଏସନ ସମ୍ବଲପୁର ଠାରେ ଓଡ଼ିଶା ହାଇକୋର୍ଟର ଏକ ବେଞ୍ଚ ସ୍ଥାପନ ପାଇଁ ଦାବି କରି ଆସିଛି । ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ସଂସଦକୁ ସୂଚିତ କରିଛି ଯେ ସମ୍ବଲପୁର ଠାରେ ଓଡ଼ିଶା ହାଇକୋର୍ଟର ଏକ ବେଞ୍ଚ ସ୍ଥାପନ ପାଇଁ ରାଜ୍ୟ ସରକାର ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଏ ପର୍ଯ୍ୟନ୍ତ ପଠାଇ ନାହାନ୍ତି । ରାଜ୍ୟ ସରକାରଙ୍କ ଠାରୁ ଏଭଳି ପ୍ରସ୍ତାବ ମିଳିବା ପରେ କେନ୍ଦ୍ର ସରକାର ଏହା ଉପରେ ବିଚାର କରିବ ବୋଲି ଗଙ୍ଗଦେବ ତାଙ୍କ ପତ୍ରରେ ଦର୍ଶାଇଛନ୍ତି । ଏହି ଦୃଷ୍ଟିରୁ କେନ୍ଦ୍ର ସରକାର ଶୀଘ୍ର ଓଡ଼ିଶା ସରକାରଙ୍କୁ ଚିଠି ଲେଖି ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବାକୁ କୁହନ୍ତୁ ବୋଲି ଗଙ୍ଗଦେବ ଉଲ୍ଲେଖ କରିଛନ୍ତି । ସେହିପରି ଅନ୍ୟଏକ ଦାବିପତ୍ରରେ ଶ୍ରୀ ଗଙ୍ଗଦେବ କହିଛନ୍ତି, ସମ୍ବଲପୁରୀ ଭାଷା ପଶ୍ଚିମ ଓଡ଼ିଶାର ସବୁଲୋକ କୁହନ୍ତି । ପଶ୍ଚିମ ଓଡ଼ିଶାର ଲୋକମାନଙ୍କ ଏହି ଭାଷା ସହ ଭାବାତ୍ମକ ସମ୍ପର୍କ ରହିଛି । ଏହାକୁ ଦୃଷ୍ଟିରେ ରଖି ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସମ୍ବଲପୁରୀ ଭାଷାକୁ ସାମିଲ କରିବା ପାଇଁ ଶ୍ରୀ ଗଙ୍ଗଦେବ ତାଙ୍କ ପତ୍ରରେ ଦାବି କରିଛନ୍ତି ।

## ଏ ସଂଖ୍ୟାରେ..


ତମ୍ବାର ଔଷଧୀୟ ଗୁଣ


ତଳେ ବସି ଖାଇଲେ କ'ଣ ହୁଏ ?


ସ୍ୱାସ୍ଥ୍ୟ ପାଇଁ ଲିମ୍ବ ପାଣି


ବହୁ ଉପକାରୀ ଦହି


ଗହମ ଗଜାର ଉପକାରିତା

ସ୍ୱୀକାର



# ପ୍ରତି ଭାରତୀୟଙ୍କ ମୁଣ୍ଡ ଉପରେ ୩୨,୦୦୦ ଟଙ୍କାର କରଜ

ନୂଆଦିଲ୍ଲୀ :୨୦୨୧ ମସିହାରେ ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ବୈଦେଶିକ ଋଣ ୩୨,୦୦୦ ଟଙ୍କାକୁ ବୃଦ୍ଧି ପାଇଛି । ଏଭଳି ପରିସ୍ଥିତିରେ ଗତ ୭ ବର୍ଷ ମଧ୍ୟରେ ଏନଡିଏ ସରକାର ୟୁପିଏ ସରକାର ଅପେକ୍ଷା ଅଧିକ ଋଣ କରିଛନ୍ତି । ଦେଶ ଉପରେ ଏବେ ୪୩ ଲକ୍ଷ କୋଟି ଟଙ୍କାର ବୈଦେଶିକ ଋଣ ଭାର ରହିଛି । ବିଗତ ୭ ବର୍ଷରେ ପ୍ରତ୍ୟେକ ଭାରତୀୟଙ୍କ ଉପରେ ୬,୦୦୦ ଟଙ୍କାର ଋଣ ବୃଦ୍ଧି ଘଟିଛି । ଦେଶର ସ୍ୱାଧୀନତା ପରେ ୧୯୫୦ ମସିହାରେ ଭାରତ ଉପରେ ବୈଦେଶିକ ଋଣ ପ୍ରାୟ ୩୮୦ କୋଟି ଟଙ୍କା ରହିଥିଲା । ଏହି ୭୩ ବର୍ଷର ସରକାର ଗଠନ ଏବଂ ପତନ ଜାରି ରହିଥିଲା । କିନ୍ତୁ ପ୍ରତ୍ୟେକ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ଦେଶ ଉପରେ ଋଣ ବଢ଼ି ଚାଲିଥିଲା । ବର୍ତ୍ତମାନ ପରିସ୍ଥିତି ହେଉଛି ୨୦୨୧ ମସିହାରେ ଭାରତ ଉପରେ ୪୩.୩୨ ଲକ୍ଷ କୋଟି ଟଙ୍କାର ବୈଦେଶିକ ଋଣ ରହିଛି । ୨୦୧୪ ରେ ସରକାର ଗଠନ କରିବା ପୂର୍ବରୁ ବିଜେପି ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲା ଯେ, ଏହା ଦେଶର ବୈଦେଶିକ ଋଣ ଭାର ହ୍ରାସ କରିବ, କିନ୍ତୁ ଗତ ୭ ବର୍ଷ ମଧ୍ୟରେ ଦେଶର ଋଣ ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇଛି । ୨୦୧୪ ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋଦୀ ସରକାର ବିଦେଶରୁ ମୋଟ ୧୦ ଲକ୍ଷ କୋଟି ଟଙ୍କା ଋଣ ନେଇଥିବା ବେଳେ ୨୦୦୬ ରୁ ୨୦୧୩ (୭) ବର୍ଷ ମଧ୍ୟରେ ୟୁପିଏ ସରକାର ପ୍ରାୟ ୨୧ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି । ୨୦୧୪ ରୁ ୨୦୨୧ ପର୍ଯ୍ୟନ୍ତ ଋଣ ୩୩ ଲକ୍ଷ କୋଟିରୁ ୪୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ହୋଇଛି, ଅର୍ଥାତ୍ ଏହି ୭ ବର୍ଷ ମଧ୍ୟରେ ଋଣ ୧୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଛି ।

ବିଗତ ୭ ବର୍ଷରେ ଭାରତର ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ବିଦେଶୀ ଋଣ ୬ ହଜାର ଟଙ୍କା ବୃଦ୍ଧି ପାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଭାରତ ସରକାର ସେପ୍ଟେମ୍ବର ୨୦୨୧ରେ ଏକ ରିପୋର୍ଟ ଜାରି କରିଛନ୍ତି । ଏହି ରିପୋର୍ଟରେ ସରକାର କହିଛନ୍ତି ଯେ ଚଳିତ ବର୍ଷ ଦେଶ ଉପରେ ବୈଦେଶିକ ଋଣ ହେଉଛି ୪୩.୩୨ ଲକ୍ଷ କୋଟି ଟଙ୍କା । ଦେଶର ଜନସଂଖ୍ୟା ୧୩୦ କୋଟି ବୋଲି ଅନୁମାନ କରି ସରକାର କହିଛନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ଋଣ ପ୍ରାୟ ୩୨,୦୦୦ ଟଙ୍କା । ୭ ବର୍ଷ ପୂର୍ବେ ୨୦୧୪ ରେ ଦେଶ ଉପରେ ବୈଦେଶିକ ଋଣ ୩୩.୮୯ ଲକ୍ଷ କୋଟି ଟଙ୍କା ଥିଲା । ୨୦୧୪ ରେ ଦେଶର ଜନସଂଖ୍ୟା ୧୨୯ କୋଟି ଥିଲା । ଏଭଳି ପରିସ୍ଥିତିରେ ୨୦୧୪ ରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ବୈଦେଶିକ ଋଣ ପ୍ରାୟ ୨୬,୦୦୦ ଟଙ୍କା ଥିଲା । ୭ ବର୍ଷରେ ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ଋଣ ୬୦୦୦ ଟଙ୍କା ବୃଦ୍ଧି ପାଇଛି ।

ଅର୍ଥ ମନ୍ତ୍ରାଳୟର ରିପୋର୍ଟ ଅନୁଯାୟୀ ୨୦୨୦ରେ ଭାରତ ଉପରେ ମୋଟ ଋଣ ୧୪୭ ଲକ୍ଷ କୋଟି ଟଙ୍କା ଥିଲା । ଏଥିମଧ୍ୟରୁ ବୈଦେଶିକ ଋଣର ଅଂଶ ହେଉଛି ୪୩ ଲକ୍ଷ କୋଟି ଟଙ୍କା । ବର୍ତ୍ତମାନ ବିଶ୍ୱର ଅଧିକାଂଶ ଦେଶ ଉପରେ ମୋଟ ଋଣ ସେମାନଙ୍କର ଜିଡିପି ତୁଳନାରେ ୪୦-୫୦ ପ୍ରତିଶତ ରହିଛି । ତେବେ ଭାରତରେ ଏହା ୭୫-୮୦ ପ୍ରତିଶତ । ଆମେରିକା, ଜାପାନ, ବ୍ରାଜିଲ ସମେତ ବିଶ୍ୱର ୫ ଦେଶ ଯେଉଁମାନଙ୍କର ଜିଡିପି ତୁଳନାରେ ଋଣ ପରିମାଣ ଅଧିକ ରହିଛି । ଜାପାନର ମୋଟ ଋଣ ଏହାର ଜିଡିପିର ୨୫୪ ପ୍ରତିଶତ ରହିଛି । ଏ କ୍ଷେତ୍ରରେ ଆମେରିକା ଦ୍ୱିତୀୟ ସ୍ଥାନରେ ରହିଛି । ଏହାର ମୋଟ ଜିଡିପିର ଋଣ ହେଉଛି ୧୩୩ ପ୍ରତିଶତ । ୧୧୫ ପ୍ରତିଶତ ଋଣ ସହିତ ଫ୍ରାନ୍ସ ଏହି ପ୍ରସଙ୍ଗରେ ତୃତୀୟ ସ୍ଥାନରେ ୧୦୪ ପ୍ରତିଶତ ଋଣ ସହିତ ମୋଟ ଜିଡିପି ଦୃଷ୍ଟିରୁ ବ୍ରିଟେନ ଚତୁର୍ଥ ସ୍ଥାନରେ ରହିଛି । ୯୮ ପ୍ରତିଶତ ଋଣ ସହ ବ୍ରାଜିଲ ପଞ୍ଚମ ସ୍ଥାନରେ ରହିଥିବା ବେଳେ ଜିଡିପିର ୮୯ ପ୍ରତିଶତ ଋଣସହ ଭାରତ ବିଶ୍ୱରେ ଷଷ୍ଠ ସ୍ଥାନରେ ରହିଛି । ତେବେ ପଡୋଶୀ ଚାଇନାର ଋଣ ଆମେରିକାର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡ ଉପରେ ପ୍ରାୟ ୧୭ ଲକ୍ଷ ଟଙ୍କାର ଋଣ ରହିଛି । ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଆମେରିକାର ଜିଡିପି ୨୧.୪୪ ଟ୍ରିଲିୟନ ଡଲାର ରହିଥିଲା, କିନ୍ତୁ ଆମେରିକାର ଋଣ ୨୭ ଟ୍ରିଲିୟନ ଡଲାର ଥିଲା । ଯଦି ଏହି ଋଣ ଆମେରିକାର ସମୁଦାୟ ୩୨୦ ନିୟୁତ ଜନସଂଖ୍ୟା ଉପରେ ବଣ୍ଟନ କରାଯାଏ, ତେବେ ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ପ୍ରାୟ ୧୭ ଲକ୍ଷଟଙ୍କାର ଋଣ ଧାର୍ଯ୍ୟ ହେବ ।

# ରେଳମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସମ୍ବଲପୁର ସାଂସଦ

ନୂଆଦିଲ୍ଲୀ: ଆଗାମୀ ମାର୍ଚ୍ଚ ୨୦୨୨ ସୁଦ୍ଧା ତାଳଚେର- ବିମଳାଗଡ଼ ନୂତନ ରେଳପଥ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେବ ଲୋକସଭାରେ ଦାବି କରିଛନ୍ତି । ଧାରା ୩୭୭ ଅନୁଯାୟୀ ତାଳଚେର -ବିମଳାଗଡ଼ ରେଳପଥ ନିର୍ମାଣ ପାଇଁ ମନ୍ଥର ଗତିରେ ଚାଲିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରସଙ୍ଗରେ ଉଦବେଗ ପ୍ରକାଶ କରି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ମାର୍ଚ୍ଚ ୨୦୨୨ ସୁଦ୍ଧା ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଲେ ହିଁ ୨୦୨୫ ସୁଦ୍ଧା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ନଚେତ ଅନୁଗୁଳ, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ରେଳପଥବିହୀନ ଅଞ୍ଚଳରେ ରେଳ ସଂଯୋଗରେ ବିଳମ୍ବ ଘଟିବ । ଦେବଗଡ଼ ଏକ ରେଳପଥ ବିହୀନ ଜିଲ୍ଲା ହୋଇଥିବାରୁ ତାଳଚେର- ବିମଳାଗଡ଼ ରେଳପଥ ଚାଲୁ ହେଲେ ସ୍ଥାନୀୟ ସାମାଜିକ ଓ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମାଧ୍ୟମରେ ଦେବଗଡ଼ବାସୀଙ୍କୁ ରେଳ ସୁବିଧା ମିଳିପାରିବ । କେନ୍ଦ୍ରରେ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୨୦୦୩-୦୪ ରେଳ ବଜେଟରେ ସ୍ଥାନ ପାଇଥିବା ଏହି ନୂତନ ରେଳପ୍ରକଳ୍ପରେ ଅଦ୍ୟାବଧି ୧୪୯.୭୮ କିଲୋମିଟର ମଧ୍ୟରୁ ମାତ୍ର ୧୭.୬୨ କିଲୋମିଟର ରେଳପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ପ୍ରକଳ୍ପ ନିର୍ମାଣରେ ଜମି ଅଧିଗ୍ରହଣକୁ ମୁଖ୍ୟ ପ୍ରତିବନ୍ଧକ ଦର୍ଶାଇ ସାଂସଦ ଶ୍ରୀ ଗଙ୍ଗଦେବ କହିଥିଲେ ଯେ ଆବଶ୍ୟକ ୯୧୦.୪୫ ଏକର ଘରୋଇ ମାଲିକାନାରେ ରହିଥିବା ଜମିରୁ ମାତ୍ର ୪୧୦.୯ ଏକର ଜମି ଅଧିଗ୍ରହଣ ହୋଇଛି । ସେହିପରି ଆବଶ୍ୟକ ୪୨୨.୩୮ ଏକର ସରକାରୀ ଜମିରୁ ମାତ୍ର ୨୧୬.୫୪ ଏକର ଜମି ନିର୍ମାଣ କାର୍ଯ୍ୟ ପାଇଁ ରେଳବାଇକୁ ହସ୍ତାନ୍ତର ହୋଇଛି । ତାଳଚେର ବିମଳାଗଡ଼ ରେଳପଥ ନିର୍ମାଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ନିମନ୍ତେ ସମୟସୀମା ଧାର୍ଯ୍ୟ କରିବା ସହ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସମ୍ବଲପୁର ସାଂସଦ ଶ୍ରୀ ଗଙ୍ଗଦେବ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ନିବେଦନ କରିଥିଲେ ।

# ଏନଏସି ମହାବିଦ୍ୟାଳୟ ଶିକ୍ଷା ସଂସଦ ତରଫରୁ କର୍ମଶାଳା

ବୁର୍ଲା : ବୁର୍ଲା ଏନଏସି ମହାବିଦ୍ୟାଳୟ ଶିକ୍ଷା ସଂସଦ ତରଫରୁ ବର୍ତ୍ତମାନର କରୋନା କାଳରେ ଅନଲାଇନ କ୍ଲାସର ପ୍ରଭାବ ଉପରେ ଏକ କର୍ମଶାଳା ଶିକ୍ଷା ବିଭାଗରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରିବା ସହ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା ।




ବୁର୍ଲା ଏନଏସି ମହାବିଦ୍ୟାଳୟ ଶିକ୍ଷା ବିଭାଗୀୟ ମୁଖ୍ୟ ରଜନିକାନ୍ତ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମହାନଦୀ କୋଲ ଫିଲ୍ଡସ ଲିମିଟେଡ ସତର୍କତା ଅଧିକାରୀ (ସିଭିଓ) ପ୍ରଣବ ପଟେଲ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସିଭିଓଙ୍କ ବୈଷୟିକ ସଚିବ କେ.ଭି ପିଲାଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଡକ୍ଟର ବିପିନ ବିହାରୀ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିବା ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏନଏସି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଭାରତ ଚୌଧୁରୀ ଅନଲାଇନ କ୍ଲାସର ପ୍ରଭାବ ତଥା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ସହକାରୀ ଅଧ୍ୟାପକ ପ୍ରଣବ ବାଗ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଚାମ୍ପିଆନ ଅଫ୍ ଚାମ୍ପିଆନସ ୟୁସିମାସ ଆବାକସ ମେଣ୍ଟାଲ ମେଥଡରେ କୃତିତ୍ୱ ଲାଭ କରିଥିବା ଶିଶୁ ପ୍ରତିଭା ଦିବ୍ୟାଂଶୁ ପଟେଲ ଏବଂ କୃତୀ କଳାକାର ସୁରେଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସମୀର ତରାସିଆ, ରଶ୍ମିତା ବେହେରା, ଆନନ୍ଦ ଷଣ୍ଢ, ତପନ ଧୁରୁଆ, ଝରଣା କୁମ୍ଭାର, ବବିତା ଦୀପ, ଶିବାନି ଭୋଇ, ସସ୍ମିନୀ ସୁନା, ଲକ୍ଷ୍ମଣ, ଲକ୍ଷ୍ମୀରାଣୀ ଧଳବେହେରା ସଙ୍ଗିତା, ଆଦିତ୍ୟ, ବିକାଶ ମେହେର, ମନୋଜ ହରିପାଲ ତଥା ଏନଏସି ମହାବିଦ୍ୟାଳୟର ଶିକ୍ଷା ସଂସଦର ସମସ୍ତ ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ମନୋଜ ହରିପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀ ବିକାଶ ଯୋଜନା ସଭା

ସୁନ୍ଦରଗଡ଼ : ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ବିକାଶ ଯୋଜନା ଉପରେ ଏକ ସଭା ବିଧାୟିକା କୁସୁମ ଟେଟେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣଙ୍କ ଉପସ୍ଥିତିରେ ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ଆଲୋଚନା ହୋଇଥିଲା । ମୁଖ୍ୟତଃ ବଲିଙ୍ଗା ଟପରିଆ ରାସ୍ତା ଲୋକାର୍ପଣ, କଲୋବାହାଲ ଠାରୁ ସୁନ୍ଦରଗଡ଼ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ, ସମସ୍ତ ବ୍ଲକରେ ଏକ ଜିଲ୍ଲାସ୍ତରୀୟ ଖେଳପଡିଆ ନିର୍ମାଣ, ଗ୍ରୀଷ୍ମଋତୁ ପୂର୍ବରୁ ସମସ୍ତ ପୋଖରୀ ପୁନରୁଦ୍ଧାର, ସମସ୍ତ ନଳକୂପ କାର୍ଯ୍ୟକ୍ଷମ, ଚାଷ କାମ ପାଇଁ ଚେକଡ୍ୟାମ ନିର୍ମାଣ, ଇବ୍ ନଦୀ ପାର୍ଶ୍ୱରେ ରିଙ୍ଗରୋଡ଼ ନିର୍ମାଣ, ପୌରାଞ୍ଚଳର ପାରିଜାତ ପାର୍କ ଓ ଥିମ ପାର୍କର ରକ୍ଷଣାବେକ୍ଷଣ ସହ ଏହାର ପୁନରୁଦ୍ଧାର, ଶଙ୍କରାଠାରୁ ମେଡିକାଲ ଛକ ଏବଂ ମେଡିକାଲ ଛକ ଠାରୁ ସରକାରୀ କଲେଜ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଯାତ୍ରା ପାଇଁ ଶୀଘ୍ର ପଡ଼ିଆ ନିର୍ମାଣ, ରଙ୍ଗାଡ଼ିପା ପୋଲିସ ଫାଣ୍ଡିକୁ ଉଠାଇ ନୂଆ ବସଷ୍ଟାଣ୍ଡ ଠାରେ ସ୍ଥାପିତ କରେଇବା ପାଇଁ ବିଧାୟିକା ଦାବି କରିଥିଲେ । ଏହାଛଡ଼ା ବିଭିନ୍ନ ଗ୍ରାମରେ ଚୋରା ମଦ କାରବାର ଯୋଗୁଁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଥିବା ଯୋଗୁଁ ଜନସାଧାରଣ ଅତିଷ୍ଠ ହୋଇ ପଡୁଛନ୍ତି । ଏଣୁ ଚୋରାମଦ କାରବାର ରୋକିବା ଦିଗରେ ପଦକ୍ଷେପ ସହ ପାଟ୍ରୋଲିଂ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଥିଲା । ସମସ୍ତ ବ୍ଲକ ସହ ପୌରାଞ୍ଚଳକୁ ମାଷ୍ଟର ପ୍ଲାନ ଅନୁଯାୟୀ ରାସ୍ତା ଓ ଡ୍ରେନ ନିର୍ମାଣ, ସୁନ୍ଦରଗଡ଼ ଟାଉନରେ କାର୍ଯ୍ୟରତ ମହିଳାଙ୍କ ପାଇଁ ହଷ୍ଟେଲ ନିର୍ମାଣ ପାଇଁ ଦାବି କରାଯାଇଥିଲା । ଏହି ସଭାରେ ସୁନ୍ଦରଗଡ଼ ଏସ୍.ପି ସାଗରିକା ନାଥ, ସଦର ଉପଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

# ଭାଗବତ // ରୁକ୍ମିଣୀ ହରଣ

ମୁଁ ଅନାଦିକାଳରୁ ନିଜର କର୍ମଫଳ ଭୋଗ କରି କରି ଅତ୍ୟନ୍ତ ଆର୍ତ୍ତ ହେବାରେ ଲାଗିଛି । ଏହାର ଦୁଃଖଦ ଜ୍ୱାଳା ମୋତେ ଦିନ ରାତି ଜାଳିବାରେ ଲାଗିଛି । ମୋର ଷଡ଼ରିପୁ ଶତ୍ରୁଙ୍କ ଭଳି କେବେ ବି ଶାନ୍ତ ରହୁ ନ ଥିଲେ । ସେମାନଙ୍କର ବିଷୟ ତୃଷ୍ଣା ବଢ଼ିବାରେ ଲାଗିଥିଲା । କେତେବେଳେ ବି ମୋତେ କ୍ଷଣକ ପାଇଁ ଶାନ୍ତି ମିଳୁ ନ ଥିଲା । ହେ ଶରଣଦାତା । ଏବେ ମୁଁ ଆପଣଙ୍କର ଭୟ, ମୃତ୍ୟୁ ଓ ଶୋକ ରହିତ ଚରଣକମଳର ଶରଣକୁ ଆସିଛି । ହେ ସାରା ଜଗତର ଏକମାତ୍ର ସ୍ୱାମୀ ! ପରମାତ୍ମନ୍ । ଆପଣ ଆପଣଙ୍କର ଶରଣାଗତକୁ ଏବେ ରକ୍ଷା କରନ୍ତୁ ।

ମୁଚୁକୁନ୍ଦ ପ୍ରାର୍ଥନା କରି କହିଲେ 'ହେ ନାଥ । ସଂସାରିକ ଜଡ଼ ପଦାର୍ଥ ଆଡ଼କୁ ଯେପରି ମୋ ମନ ନ ଯାଏ ସେଥିପ୍ରତି କୃପା କରନ୍ତୁ । ମୋତେ ଅନନ୍ୟଭକ୍ତି ଦେବା ହୁଅନ୍ତୁ ।

ମୁଚୁକୁନ୍ଦଙ୍କ ପ୍ରାର୍ଥନା ଶୁଣି ଭଗବାନ କହିଲେ, ମୁଚୁକୁନ୍ଦ । ଏହି ଜନ୍ମରେ ତୁମକୁ ଅନନ୍ୟଭକ୍ତି ମିଳିବ ନାହିଁ । ତୁମେ ଯୁବାବସ୍ଥାରେ ଅତ୍ୟନ୍ତ କାମୀ ଓ ବିଳାସୀ ଥିଲ । କାମ ହାତରେ ଯେ ପ୍ରବାହିତ ହେଉଥାଏ କାଳ ହାତରେ ମଧ ସେ ପ୍ରହାର ପାଏ । ତୁମକୁ ଆଉ ଏକ ଜନ୍ମ ନେବାକୁ ପଡିବ । ତୁମେ ସେତେବେଳେ କୁଳୀନ ବ୍ରାହ୍ମଣ ଘରେ ଜନ୍ମ ହେବ । ଆଉ ସେହି ଜନ୍ମରେ ତୁମକୁ ଅନନ୍ୟଭକ୍ତି ମିଳିବ । ବର୍ତ୍ତମାନ ପାଇଁ ତୁମେ କଠୋର ତପସ୍ୟା କରି ବଳକା ରହି ଯାଇଥିବା ପାପରାଶିକୁ ଜାଳି ଭସ୍ମ କରିଦିଅ । ମୁଚୁକୁନ୍ଦ କଠୋର ତପସ୍ୟା କଲେ । ତାଙ୍କର କ୍ଷତ୍ରିୟ ଶରୀର ନଷ୍ଟ ହୋଇଗଲା । ପରଜନ୍ମରେ ସେ ବ୍ରାହ୍ମଣ ହୋଇଗଲେ । ସେ ଦ୍ୱାରକାଧୀଶଙ୍କର ପରମ ପ୍ରିୟ ଥିଲେ । ଭଗବାନ ସ୍ୱୟଂ ତାଙ୍କର ବାବନଟି କାର୍ଯ୍ୟ ପରିପୂର୍ଣ୍ଣ କରିଥିଲେ ।

ଭାଗବତରେ ମୁଚୁକୁନ୍ଦଙ୍କ କଥାର ତାତ୍ପର୍ଯ୍ୟ ଅତି ମହତ୍ତ୍ୱପୂର୍ଣ୍ଣ । ଯିଏ ଯୁବାବସ୍ଥା ଅତ୍ୟଧିକ ବିଳାସ ବ୍ୟସନରେ ଅତିବାହିତ କରି ଦେଇଥାଏ, ଭବିଷ୍ୟତରେ ତାକୁ ମୁକ୍ତି ମିଳିବା ଅତି ଦୁଷ୍କର ହୋଇଯାଏ । ଏପରି ଲୋକକୁ ଅନନ୍ୟ ଭକ୍ତି ମିଳିପାରେ ନାହିଁ । ତେଣୁ ଧୀରେ ଧୀରେ ସଂଯମ ବଢ଼ାଇବା ଉଚିତ ଏବଂ ଭଗବଦମୟ ଜୀବନ ଅତିବାହିତ କରିବା ଉଚିତ । ଯୁବାବସ୍ଥାରେ ବି ସତତ ଈଶ୍ୱର ସ୍ମରଣ କରୁଥିବା ଉଚିତ । ଯୁବାବସ୍ଥାରେ ବି ପ୍ରଭୁ ଭଜନ କରୁଥିବା ଆବଶ୍ୟକ । ଏପରି କରୁଥିଲେ ଏହି ଜୀବନକାଳରେ ଅନନ୍ୟଭକ୍ତ ମିଳିବା ସମ୍ଭବ ହୋଇଥାଏ ।

ମାତ୍ର ଯୁବାବସ୍ଥାରେ ଈଶ୍ୱରଙ୍କ ସେବା ସ୍ମରଣ ଭଜନ କଲେ ଆଗାମୀ ଜନ୍ମ ସୁଧୁରି ଯାଏ, ବର୍ତ୍ତମାନର ଇହ ଜନ୍ମ ନୁହେଁ ।

ଲକ୍ଷ୍ମୀଙ୍କ ସ୍ୱାମୀ ହେଉଛନ୍ତି ପରମାତ୍ମା । ପ୍ରତ୍ୟେକ ଜୀବଙ୍କର ମାତା ହେଉଛନ୍ତି ଲକ୍ଷ୍ମୀ । ଏଣୁ ଲକ୍ଷ୍ମୀଙ୍କୁ ବିବେକପୂର୍ଣ୍ଣ ଭାବେ ଉପଯୋଗ କରିବାର ଅଧିକାର ଜୀବମାନେ ସ୍ୱତଃ ପାଇଥାନ୍ତି । ଉପଭୋଗ କରିବାର ନୁହେଁ । ଲକ୍ଷ୍ମୀଙ୍କୁ ଉପଭୋଗ କରିବାର ଅଧିକାର କେବଳ ନାରାୟଣଙ୍କର ଅଛି, ଅନ୍ୟ କାହାରି ନାହିଁ । ଉପଯୋଗ ଓ ଉପଭୋଗ ମଧରେ ପାର୍ଥକ୍ୟ ଅଛି । ଇନ୍ଦ୍ରିୟଙ୍କୁ ଅନିବାର୍ଯ୍ୟ ବସ୍ତୁ ବିଷୟ ଆଦି ଦେବାକୁ ଉପଯୋଗ କୁହାଯାଏ । କିନ୍ତୁ ଇନ୍ଦ୍ରିୟମାନେ ଆବଶ୍ୟକ କରୁ ନ ଥିଲେ ବି ସେମାନଙ୍କୁ ବିଷୟ ଭୋଗ ପ୍ରଦାନ କରିବାରେ ଲାଗିବା, ସେମାନଙ୍କୁ ବଳାଇ ବଳାଇ ପ୍ରଲୋଭିତ କରିବା ହେଉଛି ଉପଭୋଗ କରାଇବା । ଏହାକୁ ସ୍ୱେଚ୍ଛାଚାର ମଧ କୁହାଯାଏ । ଇନ୍ଦ୍ରିୟଙ୍କର ଅଧୀନରେ ରହି ସେମାନଙ୍କ ବାଞ୍ଛିତ ବିଷୟସୁଖ ଦେବାରେ ଲାଗିଥିବା ହେଉଛି ଉପଭୋଗ । ଧନର ଦୁରୁପଯୋଗ ଦ୍ୱାରା ଇହଲୋକ ଓ ପରଲୋକ ଉଭୟ ଲୋକ ଖରାପ ହୋଇଯାଏ ।

ସମ୍ପତ୍ତି ଓ ଶକ୍ତିର ଦୁରୁପଯୋଗ କରୁଥିବା ଲୋକ ଦୈତ୍ୟ ହୋଇଥାଏ । ଏହାର ସଦୁପଯୋଗ କରୁଥିବା ଲୋକ ଦେବ ହୋଇଥାଏ । କଥା ଭାଗବତ ମାନବଙ୍କୁ ଦେବ କରାଇବା ଉଦ୍ଦେଶ୍ୟରେ ଲେଖା ଯାଇଛି ।

ଆମେ ସମୟ, ଶକ୍ତି ଓ ସମ୍ପତ୍ତିର ସଦୁପଯୋଗ କରୁଥିବା ଉଚିତ । ମନୁଷ୍ୟ ତା'ର ଅଧିକାଂଶ ସମୟ ସମ୍ପତ୍ତି ଓ ସନ୍ତତିଙ୍କ ପାଇଁ ନଷ୍ଟ କରି ଦେଉଛି । ଜୀବ ତାର ଅଧିକାଂଶ ସମୟ ଫେଶନ ଓ ବ୍ୟସନରେ ନଷ୍ଟ କରି ଦେଉଛି । ଶରୀର ଅଥବା ସନ୍ତାନଙ୍କୁ ଅତିଶୟ ବ୍ୟଥାଦେବା ଅଥବା ଅତିଶୟ ଆଦର ଯତ୍ନ କରିବା ଭଲ ନୁହେଁ । ପରମାତ୍ମା ଯଦି ଆମକୁ ଅଧିକ କିଛି ଦେଇ ଥାଆନ୍ତି, ତେବେ ସେ ସମସ୍ତର ସଦୁପଯୋଗ କରିବାର ଉତ୍ତରଦାୟିତ୍ୱ ମଧ ଆମକୁ ଦେଇଛନ୍ତି । ଭଗବାନ ଯଦି ଅପ୍ରସନ୍ନ ହୁଅନ୍ତି ତେବେ ଆମର ଦୁର୍ଗତିର ଅନ୍ତ ହେବ ନାହିଁ ।

ଶାସ୍ତ୍ରମାନେ ଲକ୍ଷ୍ମୀଙ୍କର ତିନିଭେଦ କଥା କହିଛନ୍ତି । ସେମାନେ ହେଲେ ଲକ୍ଷ୍ମୀ, ମହାଲକ୍ଷ୍ମୀ ଏବଂ ଅଲକ୍ଷ୍ମୀ ।

ଲକ୍ଷ୍ମୀ- ସାଧାରଣ ଲକ୍ଷ୍ମୀ ଅର୍ଥ ନୀତି ଓ ଅନୀତି ଉଭୟ ପ୍ରକାରରେ ସଂଗ୍ରହ କରାଯାଇଥିବା ଧନ । ଏହାର କିଛି ସଦୁପଯୋଗ ହୁଏ, କିଛି ଦୁରୁପଯୋଗ ବି ହୁଏ ।

ମହାଲକ୍ଷ୍ମୀ- କେବଳ ଧର୍ମାନୁସାରେ ପ୍ରାପ୍ତ ହୋଇଥିବା ଧନ ହେଉଛି ମହାଲକ୍ଷ୍ମୀ । ଯେତିକି ଶ୍ରମ କରୁଥିବା ତାହାଠାରୁ ଅଧିକ ଧନ ବା ଲାଭ ପାଇବା, ଅନ୍ୟକୁ ଠକିଠାକି ଅର୍ଥ ବା ଦ୍ରବ୍ୟ ସଂଗ୍ରହ କରିବା ହେଉଛି ପାପ ବା ଚୋରି । ଜୀବଙ୍କର ଧନ ନୁହେଁ, ଧର୍ମର ମହାନ୍ ଆବଶ୍ୟକତା ଥାଏ । କେବଳ ଧର୍ମ ହିଁ ମୃତ୍ୟୁ ପରେ ଜୀବ ସହିତ ସାଥିରେ ଯାଏ, ଧନ ନୁହେଁ କି ଜନ ନୁହେଁ ।

ଧର୍ମାନୁସାରେ, ଶ୍ରମପୂର୍ବକ ତଥା



ନୀତି ଅନୁସାରେ ପ୍ରାପ୍ତ ଧନକୁ ମହାଲକ୍ଷ୍ମୀ କୁହାଯାଏ । ଏପରି ସଂଗ୍ରହ କରାଯାଇଥିବା ଧନ ସବୁବେଳେ ଶୁଭ କାର୍ଯ୍ୟରେ ହିଁ ଖର୍ଚ୍ଚ ହୋଇଥାଏ ।

ଅଲକ୍ଷ୍ମୀ- ପାପାଚରଣ ତଥା ଅନୀତିରେ ସଂଗ୍ରହ କରାଯାଇଥିବା ଧନକୁ ଅଲକ୍ଷ୍ମୀ କୁହାଯାଏ । ଏପରି ଧନ ଅକାରଣ ବିଳାସ ବ୍ୟସନ ଓ ଫେଶନରେ ବୋହିଯାଏ । ଜୀବଙ୍କୁ ଏହା ଶାନ୍ତ ଦେବା ବଦଳରେ ଅଧିକକୁ ଅଧିକ ଅଶାନ୍ତି ଦେଇଥାଏ, ବହୁତ ବହୁତ କନ୍ଦାଏ ।

ମୃତାତ୍ମା ସହିତ ଧର୍ମ ବ୍ୟତୀତ ଅନ୍ୟ କିଛି ଯାଏ ନାହିଁ । ନୀତି, ଧର୍ମ, ସଦାଚାର ଦ୍ୱାରା ପ୍ରାପ୍ତ ଧନ ହେଉଛି ମହାଲକ୍ଷ୍ମୀ ଏବଂ ତାହା ଶାନ୍ତି ପ୍ରଦାୟିନୀ ହୋଇଥାଏ ।

ମହାଲକ୍ଷ୍ମୀ କେବଳ ନାରାୟଣଙ୍କୁ ପ୍ରାପ୍ତ ହୋଇଥାନ୍ତି । ଶିଶୁପାଳକୁ ନୁହେଁ । ରୁକ୍ମିଣୀ ହରଣ କଥା ଏହା ହିଁ ସୂଚାଇ ଥାଏ । ରୁକ୍ମିଣୀ ହେଉଛନ୍ତି ମହାଲକ୍ଷ୍ମୀ । ସେ ଶିଶୁପାଳକୁ ନୁହେଁ, ନାରାୟଣଙ୍କୁ ବରଣ କରିଥିଲେ ।

ଶିଶୁର ଲାଳନ ପାଳନରେ ଯାହାଙ୍କର ଧନ ଓ ସମୟ ବ୍ୟତୀତ ହେବାରେ ଲାଗେ, ସେପରି କାମୀ ପୁରୁଷ ହିଁ ଶିଶୁପାଳ ହୋଇଥାଏ । ଯିଏ ସବୁ ସମୟରେ ସାଂସାରିକ ଓ ଭୌତିକ ସୁଖ ପଛରେ ଗୋଡ଼ାଇ ଥାଏ ତାକୁ ହିଁ ଶିଶୁପାଳ କୁହାଯାଏ । ଆମେ କେବେ ବି ଶିଶୁପାଳ ହେବା ପାଇଁ ଉଦ୍ୟମ ନ କରୁଥିବା ଉଚିତ ।

ଭଗବାନ ମଥୁରାରେ ଗୋଟିଏ ବୋଲି ବିବାହ କରି ନାହାନ୍ତି । ତାଙ୍କର ସମସ୍ତ ବିବାହ ଦ୍ୱାରିକାରେ ହିଁ ହୋଇଥିଲା । ଏହାର ତାତ୍ପର୍ଯ୍ୟ ଅଛି । ପ୍ରତ୍ୟେକ ଇନ୍ଦ୍ରିୟଙ୍କୁ ବଶୀଭୂତ କରିବା ପରେ, ବ୍ରହ୍ମବିଦ୍ୟା ପ୍ରାପ୍ତହେବା ପରେ, ମଣିଷ ବିବାହ କରିବା ଉଚିତ । ବିନା ଯୋଗର ଭୋଗ ନିଜ ସହିତ ରୋଗକୁ ଆଣିଥାଏ । ତପ ନ କଲେ ଭୋଗ ଶରୀରକୁ ରୋଗୀ କରିଦିଏ । ଜିତେନ୍ଦ୍ରିୟ ହେବାପରେ ବିବାହ କରିବା ଉଚିତ । ଇନ୍ଦ୍ରିୟଙ୍କ ସେବକ ରୂପେ ବିବାହ କରିବା ଆଦୌ ଉଚିତ ନୁହେଁ । ଆଉ ଏଥିଯୋଗୁଁ ହିଁ ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପୂର୍ବରୁ ବ୍ରହ୍ମଚର୍ଯ୍ୟାଶ୍ରମର ବ୍ୟବସ୍ଥା କରାହୋଇଛି ।

ମହାରାଜ ପରୀକ୍ଷିତ ଶୁକଦେବଙ୍କୁ ପଚାରୁଛନ୍ତି ଭଗବନ୍ ! ରୁକ୍ମିଣୀ ବିବାହ ପ୍ରସଙ୍ଗ ଶୁଣିବା ପାଇଁ ପ୍ରବଳ ଆଗ୍ରହ ହେଉଛି ।

ଶୁକଦେବ କହିଲେ ରାଜନ୍ । ଶୁଣନ୍ତୁ । ବିଦର୍ଭ ରାଜ୍ୟର ରାଜା ଭୀଷ୍ମକ । ତାଙ୍କର ପାଞ୍ଚପୁତ୍ର ଓ ଏକ କନ୍ୟା ଥିଲେ । ଜ୍ୟେଷ୍ଠପୁତ୍ରର ନାମ ହେଉଛି ରୁକ୍ମୀ ଏବଂ କନ୍ୟାର ନାମ ରୁକ୍ମିଣୀ । ଭାଗବତରେ ରୁକ୍ମିଣୀଙ୍କ ମାତାଙ୍କ ନାମର ଉଲ୍ଲେଖ ନାହିଁ । କିନ୍ତୁ ଅନ୍ୟଗ୍ରନ୍ଥରେ ତାଙ୍କର ନାମ ଶୁଦ୍ଧମତି ବୋଲି ଜଣାପଡେ । ଯେଉଁଠାରେ ମତି ଶୁଦ୍ଧ ଥାଏ ସେଠାକୁ ମହାଲକ୍ଷ୍ମୀ ଆଗମନ କରି ଥାଆନ୍ତି । ରୁକ୍ମିଣୀ ଥିଲେ ମହାଲକ୍ଷ୍ମୀର ଅବତାର ।

ରୁକ୍ମିଣୀଙ୍କ ବିବାହ ଶ୍ରୀକୃଷ୍ଣଙ୍କ ସହିତ କରାଇବା ପାଇଁ ମହାରାଜ ଭୀଷ୍ମକଙ୍କର ଇଚ୍ଛା ଥିଲା । କିନ୍ତୁ ରାଜାଙ୍କ ଜ୍ୟେଷ୍ଠ ପୁତ୍ର ରୁକ୍ମୀ ଚାହୁଁଥିଲା ନିଜର ଏକମାତ୍ର ଭଗ୍ନୀର ବିବାହ ଶିଶୁପାଳ ସହିତ କରିବା ପାଇଁ । ସେ ଯୁକ୍ତି କରୁଥିଲା ଯେ କୃଷ୍ଣ ଯାଦବ, ଗୋପାଳ ତଥା ନିମ୍ନ ବଂଶୋଦ୍ଭବ । ତେଣୁ ତାଙ୍କ ସହିତ ବିବାହ କଦାପି କରାଇ ଦିଆଯିବ ନାହିଁ । ରୁକ୍ମିଣୀ ଭାଇର ଏପରି ପ୍ରତିଜ୍ଞା ଜାଣିବା ପରେ ଅତି ଦୁଃଖ କରିବାରେ ଲାଗିଲେ ।

ବିବାହ ସମୟ ଉପନୀତ ହେବାରୁ ରୁକ୍ମୀ ଶିଶୁପାଳଙ୍କୁ ବରଯାତ୍ରୀ ଗହଣରେ ଆସି ସ୍ୱୟମ୍ବର ସଭାରେ ଯୋଗଦେବା ପାଇଁ ଆମନ୍ତ୍ରଣ କଲା । କାମୀ ଶିଶୁପାଳ ବରଯାତ୍ରୀ ଗହଣରେ ଆସିଲା । ଗଣପତି ପୂଜା ସମୟରେ ବି ଏହା କାମୀର ଦୃଷ୍ଟି ପୂଜାରେ ନ ରହି କେବଳ ରୁକ୍ମିଣୀଙ୍କ ଠାରେ ଲାଖି ରହିଥିଲା । ତା'ର ଧ୍ୟାନ ଥିଲା କନ୍ୟାର ଦୈହିକ ସୌନ୍ଦର୍ଯ୍ୟ ଉପରେ ।

ସାଧାରଣ ଜୀବ ଯେତେବେଳେ ବିବାହ କରିବାକୁ ଯାଏ ସେ ଯାଏ କାମାଧୀନ ହୋଇ । ପ୍ରଭୁ ତ ଗୋପାଳ ଅର୍ଥାତ୍ ଗୋ (ଇନ୍ଦ୍ରିୟ ସମୂହ)ଙ୍କୁ ନିୟନ୍ତ୍ରଣରେ ରଖିବା ଦେବ, ତେଣୁ ସେ ଯେତେବେଳେ ବିବାହ ପାଇଁ ଯାଆନ୍ତି ସେତେବେଳେ ଇନ୍ଦ୍ରିୟଙ୍କୁ ନିୟନ୍ତ୍ରଣରେ ରଖି ଯାଇଥାନ୍ତି ।

ରୁକ୍ମିଣୀ କିନ୍ତୁ ମନେ ମନେ ଶ୍ରୀକୃଷ୍ଣଙ୍କୁ ପତିରୂପେ ବରଣ କରି ଦେଇଥିଲେ । ପ୍ରାଣତ୍ୟାଗ କରିଦେବେ ପଛେ ସେ କଦାପି ଅନ୍ୟ ପୁରୁଷକୁ ବିବାହ କରିବେ ନାହିଁ ଏପରି ଦୃଢ଼ ସଂକଳ୍ପ କରିନେଇ ଥିଲେ । କିନ୍ତୁ ଶ୍ରୀକୃଷ୍ଣ ଏ କଥା ଜାଣି ନ ଥିଲେ କି ଶ୍ରୀକୃଷ୍ଣ ବଳରାମଙ୍କୁ ମହାରାଜ ଭୀଷ୍ମକ ନିମନ୍ତ୍ରଣ ବି କରି ନ ଥିଲେ । ନିଜର ମନର ସଂକଳ୍ପ ଓ ବ୍ୟଥା କୃଷ୍ଣଙ୍କୁ କୌଣସି ପ୍ରକାର ଜଣାଇଦେବା ପାଇଁ ରୁକ୍ମିଣୀ ବ୍ୟାକୁଳ ହୋଇ ଯାଇଥିଲେ ।

ସେ ସମୟରେ ମହାରାଣୀ ଶୁଦ୍ଧମତିଙ୍କ ଅନ୍ତଃପୁରକୁ ସୁଦେବ ନାମକ ଜନୈକ ବ୍ରାହ୍ମଣ ଯା- ଆସ କରୁଥିଲେ । ରୁକ୍ମିଣୀ ତାଙ୍କୁ ଗୋପନରେ ଡାକି ତାଙ୍କ ମନକଥା କହିଲେ । ସେ କହିଲେ- ମୁଁ ଶ୍ରୀକୃଷ୍ଣଙ୍କୁ ବିବାହ କରିବାକୁ ଚାହୁଁଛି । ସାତଟି ଶ୍ଳୋକରେ ଲେଖିଥିବା ପତ୍ରକୁ ଆପଣ ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚାଇ ଦିଅନ୍ତୁ ।

ତନ୍ମେ ଭବାନ୍ ଖଲୁ ବୃତଃ
ପତିରଙ୍ଗ ଜାୟା ।
ମାତ୍ମାର୍ପିତଶ୍ଚ ଭାବତୋଽତ୍ର ବିଭୋ
ବିଧେହି । ମା ବୀରଭାଗମଭିମର୍ଶତୁ
ବୈଦ୍ୟ ଆରାଦ୍-
ଗୋମାୟୁବନ୍ମୃଗପତେର୍ବଲିମମ୍ବୁଜାକ୍ଷ ।
(ଶ୍ରୀଭା: ୧୦/୫୨/ ୩୯)

ରୁକ୍ମିଣୀ ତାଙ୍କ ଚିଠିରେ ଲେଖିଥିଲେ 'ହେ ପ୍ରିୟତମ ! ମୁଁ ଆପଣଙ୍କୁ ପତିରୂପେ ବରଣ କରି ସାରିଛି । ମୁଁ ଆପଣଙ୍କ ପାଖରେ ଆତ୍ମ ସମର୍ପଣ କରି ସାରିଛି । ଆପଣ ଅନ୍ତର୍ଯ୍ୟାମୀ । ମୋ ହୃଦୟର କଥା ଆପଣଙ୍କୁ ଅଜଣା ନାହିଁ । ଆପଣ ଏଠାକୁ ଆସି ମୋତେ ଆପଣଙ୍କର ପତ୍ନୀରୂପେ ସ୍ୱୀକାର କରନ୍ତୁ । ହେ କମଳନୟନ । ହେ ପ୍ରାଣବଲ୍ଲଭ । ମୁଁ ଆପଣଙ୍କ ଭଳି ବୀରଙ୍କ ପାଖରେ ସମର୍ପିତ ହୋଇ ଯାଇଛି । ମୁଁ ହେଉଛି ଆପଣଙ୍କର । ଏବେ ସିଂହର ଭାଗ ଯେପରି ସୃଗାଳ ସ୍ପର୍ଶ ନ କରେ, ସେପରି ଶିଶୁପାଳ ଯେପରି ମୋତେ ସ୍ପର୍ଶ ନ କରେ ତାହାର ବ୍ୟବସ୍ଥା କରନ୍ତୁ ।

ହେ କମଳନୟନ । ଉପାମତି ଭଗବାନ ଶଙ୍କରଙ୍କ ଭଳି ମହାନ୍ ମହାନ୍ ମହାପୁରୁଷମାନେ ବି ଆତ୍ମଶୁଦ୍ଧି ନିମନ୍ତେ ଆପଣଙ୍କ ପଦଧୂଳିରେ ସ୍ନାନ କରିବାକୁ ଇଚ୍ଛା କରିଥାଆନ୍ତି । ମୁଁ ଯଦି ଆପଣଙ୍କର ଏହି ପ୍ରସାଦ, ଆପଣଙ୍କର ସେହି ପାଦଧୂଳି ପାଇ ନ ପାରିବି ତେବେ ବ୍ରତଦ୍ୱାରା ଶରୀରକୁ ଖିଆଇ ପ୍ରାଣତ୍ୟାଗ କରିଦେବି । ଏଥି ନିମନ୍ତେ ମୋତେ ଶହ ଶହ ଜନ୍ମ ନେବାକୁ ପଡ଼ିଲେ ବି ମୋର ଦୁଃଖ ନାହିଁ, କାରଣ ଦିନେ ନା ଦିନେ ମୁଁ ନିଶ୍ଚୟ ଆପଣଙ୍କର ଏହି ପ୍ରସାଦ ପାଇବି ।

ଏକନାଥ ମହାରାଜ ରୁକ୍ମିଣୀ ବିବାହ ପ୍ରସଙ୍ଗର ଭାଷ୍ୟ ଲେଖିଛନ୍ତି । ତାଙ୍କ ଭାଷାରେ ରୁକ୍ମିଣୀ ଶ୍ରୀକୃଷ୍ଣଙ୍କ ବିବାହ ଶୁଦ୍ଧ ଜୀବ ଓ ଈଶ୍ୱରଙ୍କ ବିବାହ । ଯାହାକୁ ତକ୍ଷକ ନାଗ ଦଂଶନ କରିବା ପାଇଁ ଅପେକ୍ଷା କରିଥାଏ, ସେପରି ଜୀବ କ'ଣ ଲୌକିକ ବିବାହ ପ୍ରସଙ୍ଗ ଶୁଣିବାକୁ ବସିବ ? ଯୋଗୀ ଶ୍ରେଷ୍ଠ ପରମହଂସ ଶୁକଦେବ ଏହି କଥାର ପ୍ରାବଚକ । ଭାଷା ବର୍ଣ୍ଣନା ବିବାହର, ମାତ୍ର ତାତ୍ପର୍ଯ୍ୟ ହେଉଛି ପୃଥକ୍, ଜୀବ ଓ ଈଶ୍ୱରଙ୍କର ମିଳନ ।

ଶ୍ରୀକୃଷ୍ଣ କୁହନ୍ତି, ମୋର ସାଂସାରିକ ସୁଖୋପୋଭୋଗ ନିମନ୍ତେ ଇଚ୍ଛା ନାହିଁ । ମୁଁ କୌଣସି ବସ୍ତୁକୁ ଲୋଡ଼େ ନାହିଁ । ମୁଁ ସବୁବେଳେ ନିରପେକ୍ଷ, ନିଷ୍କାମ । ରୁକ୍ମିଣୀ ବି କହନ୍ତି, ତାଙ୍କର ବିଷୟ ସୁଖ ନିମନ୍ତେ ଇଚ୍ଛା ନାହିଁ କି ସେ ଏହା ଲୋଡ଼ନ୍ତି ନାହିଁ ।

# ମିଡ଼ିଆ କାଉନସିଲ ଗଠନ ପ୍ରସ୍ତାବ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

‘କମ୍ୟୁନିକେସନ ଓ ଇନଫରମେସନ ଟେକନୋଲଜି ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟି’ ପକ୍ଷରୁ ପ୍ରସ୍ତୁତ ‘ଏଥିକାଲ ଷ୍ଟାଣ୍ଡାର୍ଡସ ଇନ ମିଡ଼ିଆ କଭରେଜ’ ଶୀର୍ଷକ ୭୩ ପୃଷ୍ଠା ସଂବଳିତ ରିପୋର୍ଟ ୨୦୨୧ ଡ଼ିସେମ୍ବର ପହିଲାରେ ସପ୍ତଦଶ ଲୋକସଭାରେ ଦାଖଲ କରାଯାଇଛି । ଏଥିରେ ପାରମ୍ପରିକ ଗଣମାଧମ ସାଙ୍ଗକୁ ସୋସିଆଲ ମିଡ଼ିଆର କାର୍ଯ୍ୟଧାରା ଅନୁଶୀଳନ କରିବା ନିମନ୍ତେ ଦେଶରେ ପ୍ରତିଷ୍ଠିତ ନିୟାମକ ଓ ପ୍ରଚଳିତ ନିୟମାବଳୀର ପୁନର୍ବିନ୍ୟାସ ନିମନ୍ତେ କେତେକ ପରାମର୍ଶ ଲିପିବଦ୍ଧ । ଏଥିସଙ୍ଗେ ପରିବର୍ତ୍ତିତ ବୈଷୟିକ ପରିବେଶ ‘ଟେକ୍ନୋଲଜିକାଲ ଟ୍ରାନସଫରମେସନ’ ଓ ଗଣମାଧମ ଧାରା ‘ମାସ ମିଡ଼ିଆ ଟ୍ରେଣ୍ଡ’କୁ ଭିତ୍ତିକରି ‘ମିଡ଼ିଆ କାଉନସିଲ’ ଓ ‘ମିଡ଼ିଆ କମିଶନ’ ଗଠନ ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଛି ।

ଲୋକସଭାର ୨୦ ଜଣ ଓ ରାଜ୍ୟ ସଭାର ନଅ ଜଣ ସାଂସଦଙ୍କୁ ନେଇ କଂଗ୍ରେସ ସାଂସଦ ଡ଼କ୍ଟର ଶଶି ଥରୁରଙ୍କ ଆବାହକତ୍ୱରେ ୨୦୨୧ ସେପ୍ଟେମ୍ବର ମାସରେ ଷ୍ଟାଣ୍ଡିଂ କମିଟି ଗଠିତ ହୋଇଥିଲା । କମିଟି ନିଜ ରିପୋର୍ଟରେ ପ୍ରାୟୋଜିତ ସମ୍ବାଦ ‘ପେଡ଼ ନିଉଜ’, ଅସତ୍ୟ ସମ୍ବାଦ ‘ଫେକ ନିଉଜ’, ବୈଦେଶିକ ନିବେଶ ‘ଏଫଡ଼ିଆଇ’ ଓ ସମ୍ବାଦ ବିଚାରକ ‘ଆମ୍ବୁଡ଼ସମେନ’ ଇତ୍ୟାଦି ବିଷୟରେ ମଧ ପରାମର୍ଶ ସ୍ଥାନିତ କରିଛନ୍ତି । ସମକାଳୀନ ଭାରତୀୟ ଗଣମାଧମ କ୍ରମଶଃ ବିଶ୍ୱସନୀୟତା ଓ ନୈତିକତା ହରାଇ ବସୁଥିବା ହେତୁ ଉଦବେଗ ପ୍ରକାଶ କରାଯାଇଛି । ସାମ୍ବାଦିକତାର ଗୁଣବତ୍ତା ସୁରକ୍ଷା ନିମନ୍ତେ ଗଣମାଧମ ମଞ୍ଚଗୁଡ଼ିକ ପ୍ରଚଳିତ ଆଇନ କାନୁନ ତଥା ଆତ୍ମନିୟନ୍ତ୍ରିତ ଧାରା ଉପଯାଗ କରିବା ନିମନ୍ତେ ଷ୍ଟାଣ୍ଡିଂ କମିଟି ବିଶ୍ୱାସ ରଖିଛନ୍ତି ।

ଭାରତରେ ଗଣମାଧମ ନିୟାମକ ହିସାବରେ ‘ପ୍ରେସ କାଉନସିଲ ଅଫ ଇଣ୍ଡିଆ’ ଓ ‘ନିଉଜ ବ୍ରଡ଼କାଷ୍ଟିଂ ଷ୍ଟାଣ୍ଡାର୍ଡସ ଅଥାରିଟି’ ଦୁଇ ପ୍ରମୁଖ ପ୍ରତିଷ୍ଠାନ । ପ୍ରେସ କାଉନସିଲ ଆଇନ ଅନୁମୋଦିତ ଧାରାରେ ଗଠିତ ଓ ପରିଚାଳିତ । ସ୍ୱାଧୀନୋତ୍ତର ଅବସ୍ଥାରେ ତତ୍‌କାଳୀନ ପ୍ରଭାବଶାଳୀ ମୁଦ୍ରଣ ଗଣମାଧମ ଅନୁଶୀଳନ ଓ ତତ୍ ସମ୍ବନ୍ଧୀୟ ବିବାଦ ମୀମାଂସା ଏହାର ମୁଖ୍ୟ କାର୍ଯ୍ୟ । ଆପତ୍ତି ଅଭିଯୋଗ ବିଚାର ଏହାର କ୍ଷମତା ପରିସରଭୁକ୍ତ ହୋଇଥିବା ସ୍ଥଳେ ଦଣ୍ଡ ବିଧାନ କ୍ଷମତା ନ ଥାଏ । ସାମ୍ବାଦିକ, ସମ୍ପାଦକ, ପ୍ରକାଶକ ଓ ସମ୍ବାଦ ସରବରାହ ସଂସ୍ଥା ଇତ୍ୟାଦିଙ୍କ ପ୍ରତି ପ୍ରେସ କାଉନସିଲର ପ୍ରତିକୂଳ ସମାଲୋଚନା ଓ ଭର୍ତ୍ସନା ‘ସେନସିଉର’କୁ ଅଣଦେଖା କରାଯାଇ ଥାଏ ।

ଷ୍ଟାଣ୍ଡିଂ କମିଟି ନିଜ ରିପାର୍ଟରେ ପ୍ରେସ କାଉନସିଲ ଆଇନ ସଂଶୋଧନ କରାଯାଇ ଏହାର କାର୍ଯ୍ୟଧାରାକୁ ସଶକ୍ତ କରିବା ନିମନ୍ତେ ପ୍ରସ୍ତାବ ରଖିଛନ୍ତି । ଉଦାହରଣରେ ବାରମ୍ବାର ଗଣମାଧମ ନୀତିନିୟମ ଉଲଂଘନ କରୁଥିବା ସମ୍ବାଦପତ୍ରଗୁଡ଼ିକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଆୟତ୍ତାଧୀନ ‘ବ୍ୟୁରା ଅଫ ଆଉଟରିଚ ଏଣ୍ଡ କମ୍ୟୁନିକେସନ୍‌ସ’ ପକ୍ଷରୁ ବିଜ୍ଞାପନ ପ୍ରଦାନ ବନ୍ଦ କରିବାକୁ ପ୍ରେସ କାଉନସିଲ ପକ୍ଷରୁ ସୁପାରିଶ କରାଯାଇଥାଏ । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହି ଆଦେଶ ଦୀର୍ଘକାଳ ଯାଏଁ ଲାଗୁ କରାଯାଏ ନାହିଁ । ଫଳରେ ସଂପୃକ୍ତ ସମ୍ବାଦପତ୍ର ବିରୋଧରେ ପ୍ରେସ କାଉନସିଲର ପ୍ରତିକୂଳ ଟୀପ୍‌ପଣି ବାସ୍ତବ କ୍ଷେତ୍ରରେ ଉପଯୋଗରେ ଅସମର୍ଥ ହୋଇପଡେ । ଏହି ପରିପ୍ରେକ୍ଷୀରେ ବିଜ୍ଞାପନ ବନ୍ଦ ଆଦେଶ କାର୍ଯ୍ୟକାରୀ କରିବା ନିମନ୍ତେ ସମୟସୀମା ନିର୍ଦ୍ଧାରଣ ଆବଶ୍ୟକ ।

ଘରୋଇ ଟେଲିଭିଜନ ଚ୍ୟାନେଲ ଆତ୍ମ-ନିୟନ୍ତ୍ରଣ କ୍ଷେତ୍ରରେ ‘ନିଉଜ ବ୍ରଡ଼କାଷ୍ଟିଂ ଷ୍ଟାଣ୍ଡାର୍ଡ଼ସ ଅଥାରିଟି’ ଓ ‘ଇଣ୍ଡିଆନ ବ୍ରଡ଼କାଷ୍ଟିଂ ଫାଉଣ୍ଡେସନ’ର କାର୍ଯ୍ୟକାରିତା ସଂପର୍କରେ ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ସନ୍ତୋଷ ପ୍ରକାଶ କରିଛନ୍ତି । ବିଗତ ପାଞ୍ଚ ବର୍ଷ ମଧରେ ଦୁଇ ନିୟାମକଠାରେ ୧୪୧ ଗୋଟି ମାମଲା ରୁଜୁ କରାଯାଇଥିବା ସ୍ଥଳେ ୨୨ ଗୋଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଉଦାହରଣ କମିଟିକୁ ପ୍ରଭାବିତ କରିଥିଲା । ତେବେ ‘ନିଉଜ ବ୍ରଡ଼କାଷ୍ଟିଂ ଷ୍ଟାଣ୍ଡାର୍ଡ ଅଥାରିଟି’ କେବଳ ଏହି ସଂଗଠନରେ ସଦସ୍ୟଭୁକ୍ତ ଚ୍ୟାନେଲ ଗୁଡ଼ିକର କାର୍ଯ୍ୟ ପରିସର ସାମିଲ କରିଥାଏ । କମିଟି ସରକାରଙ୍କୁ ସମସ୍ତ ଘରାଇ ଚ୍ୟାନେଲକୁ ଆତ୍ମ-ନିୟନ୍ତ୍ରଣ ପରିବେଶରେ ଅନ୍ତର୍ଭୁକ୍ତ ତଥା କାର୍ଯ୍ୟଧାରାକୁ ସୁସଂହତ କରାଇବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ।

କମିଟି ପକ୍ଷରୁ ଫେବୃୟାରୀ ମାସରେ ପ୍ରଣୀତ ‘ଇନଫରମେସନ ଟେକନୋଲଜି (ଗାଇଡ଼ ଲାଇନ୍‌ସ ଫର ଇଣ୍ଟରମିଡ଼ିଏଟରିଜ ଏଣ୍ଡ ଡିଜିଟାଲ ମିଡ଼ିଆ ଏଥିକାଲ କାଡ଼) ରୁଲସ ୨୦୨୧’କୁ ସମର୍ଥନ ଜଣାଇଛନ୍ତି । ଡିଜିଟାଲ ମିଡିଆ ନିୟନ୍ତ୍ରଣରେ ଏହି ନିୟମାବଳୀ ଫଳପ୍ରଦ ହେବ ବୋଲି ବିଶ୍ୱାସ ପ୍ରକଟ କରିଛନ୍ତି । ଅପରପକ୍ଷେ ‘କେବଲ ଟେଲିଭିଜନ ନେଟୱାର୍କ (ରେଗୁଲେସନ) ଆକ୍ଟ ୧୯୯୫’ ପ୍ରଣୟନର ୨୫ ବର୍ଷ ପୂର୍ତ୍ତୀ ହୋଇଥିବା ହେତୁ ସମସାମୟିକ ପରିବେଶକୁ ଖାପ ଖାଉନଥିବା ଦର୍ଶାଇ ଆବଶ୍ୟକୀୟ ପରିବର୍ତ୍ତନ ଆବଶ୍ୟକ ବୋଲି ଦର୍ଶାଇଛନ୍ତି ।

ରିପୋର୍ଟରେ କୁହାଯାଇଛି ଯେ ଅସତ୍ୟ ସମ୍ବାଦ ‘ଫେକ ନିଉଜ’ ପ୍ରସାର ରୋକିବା ନିମନ୍ତେ ଇଣ୍ଡିଆନ ପେନେଲ କୋଡ଼ର ଧାରା ୧୮୬, ଇନଫରମେସନ ଟେକନୋଲଜି ଆକ୍ଟ ୨୦୦୦ ଏବଂ ଇନଫେରମେସନ ଟେକନୋଲଜି (ଇଣ୍ଟମିଡ଼ିଏଟରିସ ଗାଇଡ଼ଲାଇନ୍‌ସ) ରୁଲ ୨୦୧୧ରେ ପ୍ରାବଧାନ ରହିଛି । ଅଷ୍ଟ୍ରେଲିଆ ଓ ମାଲେସିଆ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ସ୍ୱତନ୍ତ୍ର ଆଇନମାନ ମଧ ପ୍ରଣୟନ କରାଯାଇଛି । ସରକାର ଏସବୁର ଅନୁଧାନ କରି ବିହିତ ପଦକ୍ଷେପ ନେବା ସମୟ ଉପନୀତ । ‘ପ୍ରେସ ଇନଫରମେସନ ବ୍ୟୁରା’ ଆନୁକୂଲ୍ୟରେ ଦେଶରେ ୧୭ ଗୋଟି ଫେକ୍ଟ-ଚେକ ୟୁନିଟର କାର୍ଯ୍ୟଧାରାକୁ ସ୍ୱାଗତ ଜଣାଇ ଆର୍ଟିଫିସିଆଲ ଇଣ୍ଟଲିଜେନ୍‌ସ ଭଳି ଆଧୁନିକ ବୈଷୟିକ କୌଶଳ ଉପଯୋଗ କରି ଅସତ୍ୟ ସମ୍ବାଦ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ବୋଲି ମତ ଧାର୍ଯ୍ୟ କରିଛନ୍ତି ।

ପ୍ରାୟୋଜିତ ସମ୍ବାଦ ‘ପେଡ଼ ନିଉଜ’ ଧାରା ପ୍ରତି କମିଟି ଉଦବେଗ ପ୍ରକାଶ କରିଛନ୍ତି । ବିଶେଷତଃ ନିର୍ବାଚନ ଅବସରରେ ପ୍ରାର୍ଥୀମାନଙ୍କ ଏଦିଗରେ ଖର୍ଚ୍ଚକୁ ରାକିବା ନିମନ୍ତେ ଆଇନଗତ ପ୍ରତିବନ୍ଧକ ସୃଷ୍ଟି ସପକ୍ଷରେ ମତ ରଖିଛନ୍ତି । ପ୍ରେସ କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ଗଠିତ ଏକ ସବକମିଟି ୨୦୧୦ରେ ପେଡ଼ ନିଉଜ ବିରୋଧରେ ‘ରିପ୍ରେଜେଣ୍ଟସନ ଅଫ ପପୁଲ୍ସ ଏକ୍ଟ ୧୯୫୧’ରେ ସଂଶୋଧନ ଆଣିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ‘ଲ କମିସନ’ ଏହାକୁ ୨୦୧୫ରେ ପ୍ରକାଶିତ ‘ଇଲେକ୍ଟ୍ରାଲ ରିଫର୍ମସ’ ରିପୋର୍ଟରେ ସମର୍ଥନ ଜଣାଇଥିଲେ । ଲ ଏଣ୍ଡ ଜଷ୍ଟିସ ମନ୍ତ୍ରଣାଳୟ ପକ୍ଷରୁ ଗଠିତ ସବକମିଟି ମଧ ୨୦୧୬ରେ ସଂଶୋଧନ ପ୍ରକ୍ରିୟା ‘ରୋଡ଼ମେପ’ ଚିହ୍ନଟ କରି ସାରିଛନ୍ତି । ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ କମିଟୀ ମତ ରଖିଛନ୍ତି ।

ଗଣମାଧମ ମଞ୍ଚଗୁଡ଼ିକରେ ପ୍ରକାଶନ ସଂପର୍କରେ ଅଭିଯୋଗ ମୀମାଂସା ନିମନ୍ତେ ପ୍ରତ୍ୟେକ ମଞ୍ଚ ପକ୍ଷରୁ ବିଚାରକ ‘ଆମ୍ବୁଡ଼ସମେନ’ ବ୍ୟବସ୍ଥା ପ୍ରଚଳନ ତଥା ସରକାରୀ ସ୍ତରରେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ରୀୟ ସ୍ତରରେ ଭିତ୍ତିଭୂମି ପ୍ରସ୍ତୁତି ନିମନ୍ତେ ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟୀ ଗୁରୁତ୍ୱ ଆରୋପ କରିଛନ୍ତି । ଜନସାଧାରଣଙ୍କ ଅଭିଯୋଗ ସମାଧାନ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରିବା ନିମନ୍ତେ ଏକ ଜାତୀୟ ହେଲପ ଲାଇନ ଟେଲିଫୋନ ନମ୍ବର ଜାରୀ କରିବା ନିମନ୍ତେ ମଧ ପ୍ରସ୍ତାବ ରଖିଛନ୍ତି ।

ଆଇନାନୁମୋଦିତ ‘ପ୍ରେସ କାଉନସିଲ ଅଫ ଇଣ୍ଡିଆ’ର କାର୍ଯ୍ୟ ପରିସର କେବଳ ମୁଦ୍ରଣ ଗଣମାଧମରେ ସୀମିତ ଥିବା ହେତୁ ରେଡ଼ିଓ, ଟେଲିଭିଜନ ଓ ଅନଲାଇନ ଡିଜିଟାଲ ଗଣମାଧମ କାର୍ଯ୍ୟଧାରା ଅନୁଶୀଳନ ନିମନ୍ତେ ‘ମିଡ଼ିଆ କାଉନସିଲ’ ଗଠନ ଏବଂ କ୍ରମବିକଶିତ ଗଣମାଧମ ପରିବେଶ ଅନୁଧାନ କରି ସମ୍ଭାବ୍ୟ ନିୟନ୍ତ୍ରଣ ଧାରା ନିର୍ଣ୍ଣୟ ନିମନ୍ତେ ‘ମିଡ଼ିଆ କମିସନ’ ଗଠନ ଲାଗି ସପ୍ତଦଶ ଲୋକସଭାରେ ଉପସ୍ଥାପିତ ଆଲୋଚ୍ୟ ସପ୍ତବିଂଶ ବିବରଣୀରେ ପରାମର୍ଶ ପ୍ରଦାନ କରାଯାଇଛି ।

## ଆଜିର ଚିନ୍ତନ

ମଧ ଦେଶରେ ସାମ୍ରାଜ୍ୟଗୁପ୍ତଙ୍କ ରାଜ୍ୟ ଥିଲା । ତାଙ୍କର ପୁତ୍ର ପୁଷ୍ୟମିତ୍ର ଅତ୍ୟନ୍ତ ଆକର୍ଷକ ବ୍ୟକ୍ତିତ୍ୱ ସଂପନ୍ନ ଥିଲେ ଏବଂ ତାଙ୍କୁ ଏହି ସୁନ୍ଦରତାର ଅତ୍ୟଧିକ ଅଭିମାନ ଥିଲା । ଥରେ ସେ ମନ୍ତ୍ରୀପୁତ୍ର ସୁଯଶଙ୍କ ସାଙ୍ଗରେ ନଗର ଭ୍ରମଣରେ ବାହାରିଲେ । ଗୋଟିଏ ସ୍ଥାନରେ ଶବ ଦାହ ହେଉଥିବାର ସେ ଦେଖିଲେ । ରାଜମୁକାର ପୁଷ୍ୟମିତ୍ର ପଚାରିଲେ- ‘ଏଠାରେ କ’ଣ ହେଉଛି ? ସୁଯଶ କହିଲେ- ‘ଏଠାରେ କୌଣସି ମୃତ ବ୍ୟକ୍ତିର ଦାହ ସଂସ୍କାର ହେଉଛି ।’

ରାଜକୁମାର କହିଲେ ଏହି ବ୍ୟକ୍ତି ଅବଶ୍ୟ କୁରୁପ ହୋଇଥିବ । ସୁଯଶ ଉତ୍ତର ଦେଲେ - ନା, ମରିବା ପରେ ପ୍ରତ୍ୟେକ ବ୍ୟକ୍ତିର ଶରୀର ଶଢ଼ିବା ଓ ଗଳିତ ହେବାକୁ ଲାଗେ, ତେଣୁ ତାକୁ ଜଳାଇ ଦିଆଯାଏ । ପ୍ରତ୍ୟେକ ବ୍ୟକ୍ତି ଦିନେ ନା ଦିନେ ମୃତ୍ୟୁକୁ ପ୍ରାପ୍ତ ହେବ, ରାଜକୁମାର ପୁଷ୍ୟମିତ୍ରଙ୍କୁ ଏହି କଥାର ଟିକିଏ ହେଲେ ଅନୁଭବ ନ ଥିଲା । ଏହି ସତ୍ୟର ଆଭାସ ହେବା ପରେ ତାଙ୍କୁ ଏହା ଅନୁଭବ ହେଲା ଯେ ତାଙ୍କର ଏହି ସୁନ୍ଦର ଶରୀର ମଧ ଦିନେ ନଷ୍ଟ ହୋଇଯିବ, ତାଙ୍କର ମନ ଖିନ୍ନ ହୋଇଗଲା । ସେ ନିଜ ମନର ବ୍ୟଥା ରାଜଗୁରୁଙ୍କ ଆଗରେ ବ୍ୟକ୍ତ କଲେ ।

ରାଜଗୁରୁ ରାଜକୁମାର ପୁଷ୍ୟମିତ୍ରଙ୍କୁ ନିଜ ଗୁରୁଙ୍କ ନିକଟକୁ ନେଇଗଲେ । ସେ ରାଜକୁମାରଙ୍କ ଖିନ୍ନତାକୁ ବୁଝି ପାରି କହିଲେ- ‘ତୁମେ ଏହି ଶରୀରର ଅନ୍ତିମ ପରିଣାମର ଚିନ୍ତା ଦ୍ୱାରା ବ୍ୟଥିତ ହେଉଛ । ରାଜକୁମାର ହଁ କହି ଉତ୍ତର ଦେଲେ । ରାଜଗୁରୁଙ୍କ ଗୁରୁ କହିଲେ- ‘ଆଜି ତୁମେ ଯେଉଁ ଭବନର ସ୍ୱାମୀ ହୋଇଛ, ଯଦି କାଲି ତାହା ଜୀର୍ଣ୍ଣ ହୋଇଯାଏ ଓ ତୁମକୁ ଅନ୍ୟତ୍ର ନିବାସ କରିବାକୁ ପଡେ ଏବଂ ତାହା ମଧ ନଷ୍ଟ ହୋଇଯାଏ ତେବେ ଏହା ଦ୍ୱାରା ତୁମର ଜୀବନଯାତ୍ରା ଉପରେ କ’ଣ ପ୍ରଭାବ ପଡ଼ିବ ? ରାଜକୁମାର ପୁଷ୍ୟମିତ୍ର ଉତ୍ତର ଦେଲେ- କୌଣସି ବିଶେଷ ପ୍ରଭାବ ପଡ଼ିବ ନାହିଁ, ଯାହା ଜୀର୍ଣ୍ଣ ହୋଇଯାଏ, ତାକୁ ତ୍ୟାଗ କରିଦେବା ଉତ୍ତମ ହେବ । ସେ କହିଲେ ବାସ୍, ଏହି ନିୟମ ଶରୀର ଉପରେ ବି ଲାଗୁ ହୋଇଥାଏ । ଏଥିରେ ନିବାସ କରୁଥିବା ଆତ୍ମା ଏହି ଶରୀର ଜୀର୍ଣ୍ଣ ହେବା ପରେ ଏହାକୁ ତ୍ୟାଗ କରିଦିଏ ଏବଂ ଏହି ଶରୀରକୁ ନଷ୍ଟ କରି ଦିଆଯାଏ । ଆତ୍ମା ପାଇଁ ଏହି ଶରୀର ଏକ ଉପକରଣ ମାତ୍ର, ତା’ ପାଇଁ ଚିନ୍ତିତ ହୁଅ ନାହିଁ । ଅମର ତ କେବଳ ଆମ ଦ୍ୱାରା କରାଯାଇଥିବା ଶୁଭ ଅଥବା ଅଶୁଭ କର୍ମ ଗୁଡିକର ପରିଣାମ ହୋଇଥାଏ । ଏହି ବଚନଗୁଡିକ ପୁଷ୍ୟମିତ୍ରଙ୍କ ଆଖି ଖୋଲିଦେଲା । ସେ ସେହି ଆତ୍ମଜ୍ଞାନ ଯାହା ଶାଶ୍ୱତ ଓ ଅମର ତାହାକୁ ପ୍ରାପ୍ତ ହେବା ପାଇଁ ନିରତ ହୋଇଗଲେ ।

# ମାଂସପେଶୀକୁ ମଜଭୁତ ରଖେ ଭିଟାମିନ୍ ଡି’

ହରମୋନ୍‌ର ପ୍ରାକୃତିକ ଉପାଦାନ ହେଉଛି ଭିଟାମିନ୍ ଡି । ଏହା ଶରୀରରେ ଅସ୍ଥି ଓ ମାଂସପେଶୀକୁ ମଜଭୁତ ରଖିବାରେ ସାହାଯ୍ୟ କରେ । ହେଲେ ଶରୀରରେ ଯେତେବେଳେ ଏହି ଭିଟାମିନ୍‌ର ଅଭାବ ଘଟେ, ସେତେବେଳେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି ହୋଇଥାଏ । ୟୁନିଭରସିଟି ଅଫ୍ ସାଉଥ୍ ଅଷ୍ଟ୍ରେଲିଆ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଏହା ସନ୍ତୁଳିତ ରହିଲେ ତାହାର ପ୍ରଭାବ ମାଂସପେଶୀ ଉପରେ ପଡ଼େ, ତା ସହ ଏଥିଯୋଗୁଁ ହୃତପିଣ୍ଡର କାର୍ଯ୍ୟ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି । ଶରୀରରେ ଭିଟାମିନ୍ ‘ଡି’ର ଅଭାବ ପରିଲକ୍ଷିତ ହେଲେ ସ୍ନାୟୁଗୁଡିକ ଦୁର୍ବଳ ହୋଇପଡେ । ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍ ଡି’ ଯୁକ୍ତ ଖାଦ୍ୟ ଯଥା କଦଳୀ, କମଳା, ଆଳମଣ୍ଡି, ଛତୁ, ଅଣ୍ଡା, କେଶର, କ୍ଷୀର, ଜୁସ୍ ଆଦିକୁ ଖାଇବା ନିହାତି ଆବଶ୍ୟକ । ଏହାସହ ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ ।

# ଭକ୍ତ ଶିରୋମଣି ଶବରୀ

ରାମଚରିତ ମାନସରେ ଶବରୀର ଭଗବଦ୍‌ଭକ୍ତିର ଅତି ମନୋହର ବର୍ଣ୍ଣନା ଆସିଥାଏ । କମଳ ସଦୃଶ ନେତ୍ର ଓ ବିଶାଳ ଭୁଜଯୁକ୍ତ, ମୁଣ୍ଡରେ ଜଟାର ମୁକୁଟ ଆଉ ହୃଦୟରେ ବନମାଳା ଧାରଣ କରିଥିବା ସୁନ୍ଦର ଶ୍ୟାମଳ ଭଗବାନ ଶ୍ରୀରାମ ନିଜର ଅନୁଜ ଲକ୍ଷ୍ମଣଙ୍କ ସହିତ ସୀତାଙ୍କ ଅନୁସନ୍ଧାନରେ ବଣରେ ଏଣେତେଣେ ବୁଲୁଥିଲେ । ଭ୍ରମଣ କରି କରି ସେମାନେ ଶବରୀଙ୍କ ଆଶ୍ରମ ନିକଟରେ ପହଞ୍ଚିଲେ ତ ମାନସକାର ଜିଜ୍ଞାସା ପ୍ରକଟ କରିଛନ୍ତି ଯେ ଏହି ଶବରୀ କିଏ ? ସେ ଜଙ୍ଗଲରେ କରୁଛନ୍ତି କ'ଣ ? ନିଜର ଗୃହ ତ୍ୟାଗ କରି ଭଲା ଜଙ୍ଗଲରେ କ'ଣ କରୁଛନ୍ତି ?

ଶବରୀ ଭୀଲ ଜନଜାତିରେ ଜନ୍ମିତ ଜଣେ ବୃଦ୍ଧ ମହିଳା ଥିଲେ । ଯେତେବେଳେ ସେ ଯୁବତୀ ଥିଲେ ତ ତାଙ୍କର ମାତା-ପିତା ତାଙ୍କର ବିବାହ ଅବସରରେ ଭୋଜି ଦେବା ପାଇଁ ପରମ୍ପରା ଅନୁସାରେ ବହୁଳ ସଂଖ୍ୟାରେ ପଶୁଙ୍କୁ ବଧ କରିବା ପାଇଁ ଆଣିଥିଲେ । ସେହି ଗାଁରେ ଜଣା ନାହିଁ ବିବାହ ଅବସରରେ କେତେ ଯେ ପଶୁ ବଧ ହେଉଥିବେ, କିନ୍ତୁ କୌଣସି ଯୁବତୀ ଏହାର ପ୍ରତିକାର କରି ନ ଥିଲେ । କିନ୍ତୁ ବଧ ପାଇଁ ଅଣାଯାଇଥିବା ନିରୀହ ପଶୁମାନଙ୍କୁ ଦେଖି ଶବରୀଙ୍କ ଆଖି ଲୁହରେ ଛଳ ଛଳ ହୋଇଗଲା । ତାଙ୍କ ମନରେ ଭାରି ଗ୍ଲାନି ଆଉ ପୀଡ଼ା ହେଲା । ଭକ୍ତିମତୀ ସରଳ ଶବରୀ ବିଚାର କଲେ ଯେ ଭଲା ଏହା କିପରି ବିବାହ, ଯେଉଁଥିରେ ଏତେ ଗୁଡିଏ ପଶୁ ବଧ ହେବ ? ଏପରି ବିବାହ କରିବା ଅପେକ୍ଷା ବିବାହ ନ କରିବା ଅତି ଉତ୍ତମ ।

ସେହି ନିରୀହ ପଶୁମାନଙ୍କର ଏପରି ନିୟତିକୁ ଦେଖି ଶବରୀଙ୍କ ମନରେ ସାଂସାରିକ ଜୀବନ ପ୍ରତି ବୈରାଗ୍ୟ ଉତ୍ପନ୍ନ ହୋଇଗଲା । ସେ ଗୋଟିଏ ଜଙ୍ଗଲକୁ ଚାଲିଗଲେ, ଯେଉଁଠି ସେ ଭଗବଦ୍‌ଭକ୍ତି କରି ପାରିବେ । ସେହି ଜଙ୍ଗଲରେ ଅନେକ ସନ୍ଥଙ୍କର ଆଶ୍ରମ ଥିଲା । ଭଗବଦ୍‌ଭକ୍ତି ପାଇଁ ସେ ସନ୍ଥମାନଙ୍କ ଆଶୀର୍ବାଦ ପାଇବାକୁ ଚାହୁଁଥିଲେ, କିନ୍ତୁ ସେ ପ୍ରତ୍ୟକ୍ଷ ରୂପେ ସନ୍ଥମାନଙ୍କ ପାଖକୁ ଯିବେ କିପରି ? କାରଣ ସେ ଭୀଲ ଜନଜାତିର ଥିଲେ । ଏହି ଭାବ ତାଙ୍କର ପାଦକୁ ଅଟକାଇ ଦେଉଥିଲା, ଭଗବଦ୍‌ଭକ୍ତିରେ ତଲ୍ଲୀନ, ପାବନ, ପୁନୀତ ଜୀବନ ଜିଉଥିବା ସନ୍ଥମାନଙ୍କ ସମ୍ମୁଖକୁ ସ୍ୱୟଂକୁ ଅଧମ ଭାବୁଥିବା ଶବରୀ ଯିବେ କିପରି ? ସେ ପ୍ରତ୍ୟକ୍ଷ ରୂପେ ଯିବାର ସାହସ ଜୁଟାଇ ପାରିଲେ ନାହିଁ । ତେଣୁ ସେ ଚୁପ୍‌ଚାପ୍ ଋଷିମାନଙ୍କ ଆଶ୍ରମକୁ ଯାଉଥିଲେ ଓ ସେଠାକାର ପରିସରକୁ ସଫାସୁତୁରା କରି ଫେରି ଆସୁଥିଲେ ।

ଯେତେବେଳେ ଋଷିଗଣ ନିଜର ଶିଷ୍ୟମାନଙ୍କ ସାଙ୍ଗରେ ଆଶ୍ରମରୁ ବାହାରକୁ ଚାଲି ଯାଉଥିଲେ ତ ଶବରୀ ଲୁଚି ଲୁଚି ଆଶ୍ରମର ସଫାଇ କରି ଦେଉଥିଲେ, ସନ୍ଥ ଓ ଶିଷ୍ୟମାନଙ୍କ ପାଇଁ ଜଳ ଭରି ଦେଉଥିଲେ ଏବଂ ଅନ୍ୟ ସେବା ମଧ କରି ଦେଉଥିଲେ । ଯେତେବେଳେ ଋଷିଗଣ ଫେରି ଆସୁଥିଲେ ତ ନିଜ ଆଶ୍ରମର ସଫାସୁତୁରା ଓ ଅନ୍ୟ ସେବା ଗୁଡିକ ଦେଖି ଆଚମ୍ବିତ ହୋଇ ଯାଉଥିଲେ । ଏହା ଭଲା ସବୁ ଦିନ କିଏ କରି ଯାଉଛି ।

ଦିନେ ଜଣେ ଶିଷ୍ୟ ଲୁଚିକରି ଏହା ଜାଣି ପାରିଲା । ତାଙ୍କ ଆଶ୍ରମର ସଫାସୁତୁରା ଓ ଅନ୍ୟ ସେବା ଶବରୀ ନାମକ ଭୀଲ ଜାତିର ଜଣେ ମହିଳା ଲୁଚିଛପି କରି ଯାଉଛି । ସେହି ଶିଷ୍ୟ ନିଜ ଗୁରୁଙ୍କୁ କହିଲା- 'ଗୁରୁଦେବ ! ଭୀଲ ଜାତିର ଏହି ମହିଳା, ଆଶ୍ରମ ଭିତରକୁ ଆସି ଏହାର ପବିତ୍ରତାକୁ ନଷ୍ଟ କରିଯାଉଛି । କିନ୍ତୁ ସେ ତ ଋଷି ଥିଲେ । କରୁଣାର ପ୍ରତିମୂର୍ତ୍ତି ମତଙ୍ଗ ଋଷି ଶବରୀଙ୍କ ନିଶ୍ଛଳତା, ନିଷ୍କପଟତା, ସମର୍ପଣ ଓ ଭକ୍ତିକୁ ଦେଖି ତାଙ୍କୁ ଆଶ୍ରମ ପାଖରେ ହିଁ କୁଡିଆରେ ରହି ଭଗବଦ୍‌ଭକ୍ତି କରିବାର ଆଜ୍ଞା ପ୍ରଦାନ କଲେ ।

ଋଷିବର ତାଙ୍କୁ ରାମ ମନ୍ତ୍ରରେ ଦୀକ୍ଷିତ କଲେ ଏବଂ ତାଙ୍କର ସେବା, ସଚ୍ଚା ଗୁରୁଭକ୍ତି ଓ ଭଗବଦ୍‌ଭକ୍ତିକୁ ଦେଖି କହିଲେ- 'ପୁତ୍ରୀ ! ସେତେବେଳକୁ ମୁଁ ସଶରୀରରେ ତ ନ ଥିବି, କିନ୍ତୁ ତୁମେ ଦିନେ ଭଗବାନ ଶ୍ରୀରାମଙ୍କୁ ନିଜ ଆଖିରେ ପ୍ରତ୍ୟକ୍ଷ ଦେଖି ପାରିବ । ତୁମେ ନିଜର ଭଗବଦ୍‌ଭକ୍ତିରେ କେବେ ବି କୌଣସି ବ୍ୟବଧାନ ଆଣିବାକୁ ଦେବ ନାହିଁ । ପ୍ରତିମୁହୂର୍ତ୍ତରେ ଭଗବାନଙ୍କ ସ୍ମରଣ କରୁଥିବ । ପ୍ରଭୁ ବଡ଼ ଦୟାଳୁ । ସେ ତୁମ ଉପରେ ଦିନେ ନିଜର କୃପା ଅବଶ୍ୟ ବର୍ଷା କରିବେ । ନିଜ ଗୁରୁଙ୍କ ମୁଖରୁ ଏପରି ବାଣୀ ଶୁଣି, ଏପରି ଆଶ୍ୱାସନା ଶୁଣି ଶବରୀଙ୍କ ଆଖି ପ୍ରେମାଶ୍ରୁରେ ଭରିଗଲା । ସେ ଗୁରୁଙ୍କ ଚରଣରେ ଲୋଟି ପଡିଲେ ।

ଦିନେ ଋଷିବର ସଂସାରରୁ ବିଦା ହୋଇଗଲେ, କିନ୍ତୁ ଶବରୀ ନିଜ ଗୁରୁଙ୍କ ଆଦେଶକୁ ପ୍ରତି ମୁହୂର୍ତ୍ତରେ ନିର୍ବାହ କରି ଚାଲିଲେ, ଅବିରାମ ଭକ୍ତି କଲେ ଓ ଭଗବାନଙ୍କ ଆସିବା ବାଟକୁ ଚାହିଁ ରହିଲେ । ଭଗବାନ ତ ସର୍ବଜ୍ଞ, ଅନ୍ତର୍ଯ୍ୟାମୀ ଓ ସର୍ବବ୍ୟାପୀ ଅଟନ୍ତି, ପୁଣି ଭଲା ଶବରୀଙ୍କ ନିଶ୍ଛଳ ଭକ୍ତି କିପରି ଲୁଚି ରହି ପାରିବ ? ପ୍ରଭୁ ତ ପରମ ଦୟାଳୁ । ନିଜ ଭକ୍ତର ନିଶ୍ଛଳ ଭକ୍ତି ଓ ସଚ୍ଚା ପ୍ରେମକୁ ଦେଖି ସେ ଦ୍ରବିତ ଅବଶ୍ୟ ହୁଅନ୍ତି, ଭକ୍ତ ଉପରେ କୃପା ଅବଶ୍ୟ ବର୍ଷା କରନ୍ତି ।

ଶବରୀ ପ୍ରତିଦିନ ଜଙ୍ଗଲରୁ ବରକୋଳି ତୋଳି ଆଣୁଥିଲେ, ସେଗୁଡିକୁ ଚାଖୁଥିଲେ ଓ ଯେଉଁଗୁଡିକ ମିଠା ଲାଗୁଥିଲା, ସେଗୁଡିକୁ ଅଲଗା କରି ପ୍ରଭୁଙ୍କ ପାଇଁ ରଖି ଦେଉଥିଲେ । ଯେଉଁ ମାର୍ଗରେ ଋଷିବର ଯିବା ଆସିବା କରୁଥିଲେ, ସେହି ମାର୍ଗକୁ ସଫା କରି ନିଷ୍କଣ୍ଟକ କରି ଦେଉଥିଲେ । ସେ ଭଗବାନ ରାମଙ୍କୁ ପ୍ରତିକ୍ଷଣ ପ୍ରତୀକ୍ଷା କରୁଥିଲେ ଏବଂ ପ୍ରଭୁ ତାଙ୍କୁ ଦର୍ଶନ ନିଶ୍ଚୟ ଦେବେ, ନିଜକୁ ଏହି ଭରସା ଅବଶ୍ୟ ଦେଉଥିଲେ ।

ମାନସକାର ତାଙ୍କର ଏହି ଭାବଗୁଡିକୁ ଏହି ପ୍ରକାରେ ବ୍ୟକ୍ତ କରିଛନ୍ତି- ସେ ସବୁ ଦିଗରେ, ସବୁ ପ୍ରହରରେ ସଚେତ ରହୁଥିଲେ, ଭାବୁଥିଲେ, ମୋର ପ୍ରଭୁ ଆସିଗଲେ କି ? ଏପରି ଭାବି ଭାବି ଚାରିଆଡ଼େ ଦେଖୁଥିଲେ । ପୁଣି ଭାବୁଥିଲେ ଯଦି ସେ ଆସି ଯାଇଥିବେ, ସେତେବେଳକୁ ମୁଁ ଶୋଇ ଯାଇଥିବି, ତେବେ କ'ଣ ହେବ । ମୋର ପ୍ରଭୁ କେଉଁଠି ବାଟ ଭୁଲିଗଲେ ନାହିଁ ତ । ତାଙ୍କ ହୃଦୟରେ ଉଛୁଳୁଥିବା ପ୍ରେମ ଆଖିରେ ଅଶ୍ରୁ ହୋଇ ବୋହୁଥିଲା । ସେ ଆହୁରି ମଧ ବିଚାର କରୁଥିଲେ ଯେ ମୋତେ ଅଧମ ବୋଲି ଭାବି ପ୍ରଭୁ ଆସିବାର ବିଚାର ବଦଳାଇ ଦେଲେ କି ?

ଏହା ଭାବି ସେ ବିକଳ ହୋଇ କାନ୍ଦୁଥିଲେ । ସେହି ଅଶ୍ରୁଗୁଡିକ ଶବରୀଙ୍କ କୋଟି କୋଟି ଜନ୍ମର କର୍ମ ସଂସ୍କାରଗତିକୁ ଧୋଇ ଦେଲା । ତାଙ୍କର ମନ ପବିତ୍ର ହୋଇଗଲା । ସେ କୁଡିଆରୁ ଉଙ୍କିମାରି ଦେଖିଲେ ତ ଅପଲକ ଦେଖି ଚାଲିଲେ । ସେ ଦେଖିଲେ ଯେ ମୋର ପ୍ରଭୁ ପ୍ରକୃତରେ କୁଡିଆ ଆଡ଼କୁ ଆସୁଛନ୍ତି । ଏହି ପରମ ଦିବ୍ୟ ପ୍ରସଙ୍ଗକୁ ମାନସକାର ଏହି ପ୍ରକାର ପ୍ରସ୍ତୁତ କରିଛନ୍ତି- କମଳ ସଦୃଶ ନେତ୍ର ଓ ବିଶାଳ ଭୁଜ ବିଶିଷ୍ଟ, ମୁଣ୍ଡରେ ଜଟାର ମୁକୁଟ ଏବଂ ହୃଦୟରେ ବନମାଳା ଧାରଣ କରିଥିବା ଶ୍ୟାମଳ ଓ ଗୌର ଦୁଇ ଭାଇ ରାମ ଲକ୍ଷ୍ମଣଙ୍କ ଚରଣ ଯୁଗଳରେ ଶବରୀ ଲୋଟି ପଡ଼ିଲେ । ସେ ପ୍ରେମରେ ମଗ୍ନ ହୋଇଗଲେ ଆଉ ତାଙ୍କ ମୁଖରୁ କୌଣସି ଶବ୍ଦ ବାହାରିଲା ନାହିଁ । ତାପରେ ସେ ଜଳ ନେଇ ଆଦରପୂର୍ବକ ଦୁଇ ଭାଇଙ୍କ ଚରଣ ଧୋଇଲେ ଏବଂ ସେମାନଙ୍କୁ ସୁନ୍ଦର ଆସନରେ ବସାଇଲେ । ସେ ଅତ୍ୟନ୍ତ ରସାଳ ଓ ସ୍ୱାଦିଷ୍ଟ କନ୍ଦମୂଳ ଏବଂ ଫଳ ଆଣି ପ୍ରଭୁ ଶ୍ରୀରାମଙ୍କୁ ଦେଲେ । ପ୍ରଭୁ ବାରମ୍ବାର ପ୍ରଶଂସା କରି ତାହାକୁ ପ୍ରେମପୂର୍ବକ ଖାଇଲେ । ପୁଣି ଶବରୀ ହାତ ଯୋଡ଼ି ତାଙ୍କ ସମ୍ମୁଖରେ ଠିଆ ହୋଇଗଲେ ।

ପ୍ରଭୁଙ୍କୁ ଦେଖି ତାଙ୍କର ପ୍ରେମ ଅତ୍ୟନ୍ତ ବୃଦ୍ଧି ହୋଇଗଲା । ସେ କହିଲେ ମୁଁ କେଉଁ ଭାବରେ ଆପଣଙ୍କର ସ୍ତୁତି କରିବି ? ମୁଁ ନୀଚ ଜାତିର ଆଉ ଅତ୍ୟନ୍ତ ମୂଢ଼ମତି ଅଟେ । ଏହା ଶୁଣି ଭଗବାନ ରାମ କହିଲେ- 'ହେ ମାତଙ୍ଗୀ ! ମୋର କଥା ଶୁଣ । ମୁଁ ତ କେବଳ ଏକ ଭକ୍ତିର ହିଁ ସମ୍ବନ୍ଧକୁ ମାନେ, ମୁଁ ତୁମର ସଚ୍ଚା ଭକ୍ତି ଦ୍ୱାରା ଅତି ପ୍ରସନ୍ନ । ମୁଁ ତୁମକୁ ଏବେ ନବଧା ଭକ୍ତି କହୁଛି । ତୁମେ ସାବଧାନ ହୋଇ ଶୁଣ ଆଉ ମନରେ ଧାରଣ କର । ଏହି ପ୍ରକାର ପ୍ରଭୁ ଶବରୀଙ୍କ ସଚ୍ଚା ଭକ୍ତି କାରଣରୁ ତାଙ୍କୁ ନବଧା ଭକ୍ତି ପ୍ରଦାନ କଲେ । ଶବରୀଙ୍କ ଭକ୍ତି ସଫଳ ହେଲା ।

ଭକ୍ତ ଓ ଭଗବାନଙ୍କ ମିଳନର ଏହି ମଧୁର ପ୍ରସଙ୍ଗରେ ସାଧକ ଏବଂ ଭକ୍ତମାନଙ୍କ ପାଇଁ ଅନେକ ଆଧ୍ୟାତ୍ମିକ ପ୍ରେରଣା ଓ ସଂକେତ ରହିଛି । ସର୍ବପ୍ରଥମେ ଶବରୀ ବାଳିକା ଥିବା ବେଳେ ପଶୁବଧ ଭଳି କ୍ରୁର, ଅମାନବୀୟ ଓ ଅଧାର୍ମିକ ପରମ୍ପରାର ବିରୋଧ କରିଥିଲେ, ଆଉ ତାହାର ପ୍ରତିକାର ମଧ କରିଥିଲେ । ପରମ୍ପରାଗୁଡିକ ତୁଳନାରେ ସେ ନିଜର ବିବେକକୁ ଅଧିକ ମହତ୍ତ୍ୱ ଦେଇଥିଲେ । ଅନୀତିର ବିରୋଧ ନ କରିବା ମଧ ଅନୀତିକୁ ବଢ଼ାଇବା ସଙ୍ଗେ ସମାନ ।

ଆଜି ସମାଜରେ ମୃତ୍ୟୁ ଭୋଜି, ଯୌତୁକ ପ୍ରଥା, ପୁଅ ଝିଅ ମଧ୍ୟରେ ଫରକ, ଖର୍ଚ୍ଚ ବହୁଳ ବିବାହ ଆଦି ଅନେକ ଦୁଷ୍ପ୍ରବୃତ୍ତି ଅଛି, ଯାହାର ବିରୋଧ ହେବା ଆବଶ୍ୟକ । ପର୍ଯ୍ୟାବରଣ ସଂରକ୍ଷଣ ପାଇଁ କାମ କରାଯିବା ଉଚିତ । ସାଧନା ଓ ଧର୍ମ ମାର୍ଗରେ ଚାଲୁଥିବା ସାଧକମାନଙ୍କ ପାଇଁ ଏହା ଅଭୀଷ୍ଟ ମଧ । ଶବରୀ ମଧରେ ଭାବ ସମ୍ବେଦନା ଭରି ରହିଥିଲା, ତେଣୁ ସେ ପଶୁବଧ ପରମ୍ପରା ଯୋଗୁଁ ଦୁଃଖୀ ଓ ଦ୍ରବିତ ଥିଲେ ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

## ଟିକିଏ ହସନ୍ତୁ

ଶିକ୍ଷକ : ରାତିରେ ମଶା କାମୁଡ଼ିଲେ କ'ଣ କରିବ ?
ନଟ୍ଟୁ : ଚୁପ୍‌ଚାପ୍ କୁଣ୍ଡେଇ ଶୋଇପଡିବ । କାରଣ ଆମେ ତ ରଜନୀକାନ୍ତ ନୁହଁ ମଶାଠୁ ସରି କୁହାଇ ନେବା ।

× × × ×

ଗୋଲୁ : ନେ ମିଠା ଖାଆ ।
ମୋଲୁ : କେଉଁ ଖୁସିରେ ?
ଗୋଲୁ : ମୋ ପୁଅ ଫାଷ୍ଟକ୍ଲାସ୍‌ରେ ଆସିଛି ।
ମୋଲୁ : କେଉଁଥିରେ ?
ଗୋଲୁ : ରାଜଧାନୀ ଏକ୍ସପ୍ରେସ୍ ।

× × ×

ବଏଫ୍ରେଣ୍ଡ : ଯୁ ଆର ସୋ ହଟ୍ ।
ଗର୍ଲଫ୍ରେଣ୍ଡ ପ୍ରେମିକ ଗାଲରେ ଦୁଇଟା ବସେଇଦେଲା ।
ବଏଫ୍ରେଣ୍ଡ : ମାରିଲ କ'ଣ ପାଇଁ ?
ଗର୍ଲଫ୍ରେଣ୍ଡ : ମତେ ୧୦୩ ଜର ।
ଆଉ ତୁ ରୋମାନ୍ସ କଥା ଭାବୁଛୁ ।

× × × ×



ମିନ୍ନୁକୁ କମ୍ପ୍ୟୁଟର ଖୋଲି ଆସୁ ନ ଥିଲା । ସିନ୍ନୁ ତା'କୁ କହି ଦେଉଥିଲା ।
ସିନ୍ନୁ : ମାଇଁ କମ୍ପ୍ୟୁଟରରେ ରାଇଟ୍ କ୍ଲିକ୍ କର ।
ମିନ୍ନୁ : ହଁ କଲି ।
ସିନ୍ନୁ : ଡିଭାଇସ୍ ମ୍ୟାନେଜରଖୋଲ ।
ମିନ୍ନୁ : ହଁ ଖୋଲିଲି ।
ସିନ୍ନୁ : ଏବେ ଉପରେ ଦେଖ କ'ଣ ଅଛି ?
ମିନ୍ନୁ : ଫ୍ୟାନ୍ ଝୁଲୁଛି ।

× × × × × ×

ମୋନୁ ସୋନୁକୁ : ଜାଣିଛୁ, ଆଜି ତୋ ବିଲେଇ ଆମ ଘରକୁ ଆସି ମୋ ବହି ଚିରି ଦେଇଛି ।
ସୋନୁ : ସତ ! ହଉ ରହ, ମୁଁ ତାକୁ ଦଣ୍ଡ ଦଉଛି ।
ମୋନୁ : ରହିଯା, ମୁଁ ତାକୁ ଦଣ୍ଡ ଦେଇ ସାରିଛି ।
ସୋନୁ : କି ଦଣ୍ଡ ?
ମୋନୁ : ମୁଁ ତା' ଗିନାରୁ କ୍ଷୀର ପିଇ ଦେଇଛି ।

× × × × × ×

ରାଜୁ ଗୋପୀକୁ : ଜେଲ୍ ଓ ଲକଡାଉନ୍ ଭିତରେ ଅନ୍ତର କ'ଣ ?
ଗୋପୀ : ଜେଲରେ ଦୋଷୀକୁ ଭିତରକୁ ନେଇ ପିଟାଯାଏ ।
ଆଉ ଲକଡାଉନରେ ବାହାରକୁ ବାହାରିଲେ ପିଟାଯାଏ ।
ଇଏ ହେଉଛି ଦୁଇଟି ଭିତରର ଅନ୍ତର ।
ରାଜୁ : ଆଉ ସମାନତା କ'ଣ ?
ଗୋପୀ : ଉଭୟ କ୍ଷେତ୍ର ପିଟିବା ଲୋକ ହେଉଛନ୍ତି ପୋଲିସ୍ ।

ସ୍ୱୀକାର

ବର୍ଷ ୨୫, ସଂଖ୍ୟା-୪୬, ୧୯ - ୨୫ ଡିସେମ୍ବର ୨୦୨୧

# ୬୦ ଛୁଉଁନି ବିଧାନସଭାର କାର୍ଯ୍ୟ ଦିବସ

ବିଧାନସଭାରେ ଅତିରିକ୍ତ ବଜେଟ୍ ପାରିତ ହୋଇ ସାରିଛି । ଆଉ ସରକାରଙ୍କର କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନାହିଁ । ତେଣୁ ବିଧାନସଭା ଅଧିବେଶନ ଆଗୁଆ ବନ୍ଦ କରି ଦିଆଯାଉ ।

ଏମିତି ଦୁଇ ତିନି ଧାଡ଼ିର ପ୍ରସ୍ତାବ ଆଣୁଛନ୍ତି ସରକାରୀ ଦଳର ମୁଖ୍ୟ ସଚେତକ । ସମର୍ଥନ କରୁଛନ୍ତି ଶାସକ ଦଳର ବିଧାୟକ । ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହେଲା ବୋଲି ଘୋଷଣା କରୁଛନ୍ତି ବାଚସ୍ପତି । ତାହା ପରେ ଅଧିବେଶନ ଅଧାରୁ ବନ୍ଦ ।

ଗତ କିଛି ବର୍ଷ ହେଲାଣି ଏହା ଏକ ଧାରାରେ ପରିଣତ ହୋଇଯାଇଛି । ବିଧାନସଭା ଅଧିବେଶନ ଆଉ ୬୦ ଦିନ ବସୁ ନାହିଁ । କେବଳ ଯାହା ବିଧାନସଭାର କାର୍ଯ୍ୟବିଧି ଆଇନରେ ୬୦ ଦିନ ବସିବାର ବ୍ୟବସ୍ଥାଟି ସୀମିତ ରହିଯାଇଛି । ଗୋଟିଏ ପ୍ରସ୍ତାବରେ ଗୃହ କାର୍ଯ୍ୟକୁ ନିର୍ଦ୍ୱନ୍ଦ୍ୱରେ କମାଇ ଦିଆଯାଉଛି । ଅବଶ୍ୟ ପ୍ରତି ଥର ଗୃହ କାର୍ଯ୍ୟ କମାଇବାରେ ବିରୋଧୀ ଦଳ ସମ୍ମତି ଦେଉ ନାହାନ୍ତି । କିନ୍ତୁ ଶାସକ ଦଳ ପାଖରେ ସଂଖ୍ୟା ଗରିଷ୍ଠତା ଥିବାରୁ ଅଧିବେଶନ ଅବଧି କମାଇବାରେ କିଛି ଅସୁବିଧା ହେଉନାହିଁ । ଯଦି ବାସ୍ତବରେ ୬୦ ଦିନ ବସିବାର ଆବଶ୍ୟକତା ନାହିଁ, ତେବେ ସବୁ ବର୍ଷ ୬୦ ଦିନର କାର୍ଯ୍ୟସୂଚୀ କାହିଁକି ପ୍ରସ୍ତୁତ କରାଯାଉଛି ବୋଲି ପ୍ରଶ୍ନ ଉଠିଲାଣି । ବିଧାନସଭାରେ ସରକାରୀ କାର୍ଯ୍ୟ ବାଦ୍ ରାଜ୍ୟର କିଛି ବଡ଼ ପ୍ରସଙ୍ଗ ଉପରେ ଆଲୋଚନା ହେବା ଜରୁରୀ । କିନ୍ତୁ ବାରମ୍ବାର ହଟ୍ଟଗୋଳ ଏବଂ ମୁଲତବୀ ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ । ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲାଣି । ସେମାନେ ପ୍ରଶ୍ନ କରିବା ଆରମ୍ଭ କଲେଣି ଯେ ବାସ୍ତବରେ ପ୍ରସଙ୍ଗ ନ ଥାଏ ନା ଆଲୋଚନା ପାଇଁ ଇଚ୍ଛା ନାହିଁ ?

୨୦୧୪ ମସିହାରେ ବିଧାନସଭା ଶୀତ ଅଧିବେଶନରେ ଏକ ପ୍ରସ୍ତାବ ଗୃହୀତ ହୋଇ ଓଡ଼ିଶା ବିଧାନସଭାର କାର୍ଯ୍ୟବିଧି ଆଇନର ୧୭୭ ଧାରାକୁ ସଂଶୋଧନ କରାଯାଇଥିଲା । ଏଥିରେ କୁହାଯାଇଥିଲା ଯେ ଗୃହ ଚାହିଁଲେ ପ୍ରତି କ୍ୟାଲେଣ୍ଡର ବର୍ଷରେ ଧାର୍ଯ୍ୟ ୬୦ ଦିନ କାର୍ଯ୍ୟଦିବସକୁ କମାଇପାରିବ । ଏପରି ସଂଶୋଧନ ପ୍ରସ୍ତାବକୁ କାଳେ କିଏ ସମାଲୋଚନା କରିବ, ସେହି ଆଶଙ୍କାରେ ଏ କଥା ବି କୁହାଯାଇଥିଲା ଯେ ଗୃହ କାର୍ଯ୍ୟକାଳ ୬୦ ଦିନରୁ କମାଯାଇ ନାହିଁ । କିନ୍ତୁ ଆବଶ୍ୟକ ନ ଥିଲେ କାର୍ଯ୍ୟଦିବସ କମାଇବା ପାଇଁ ଗୃହକୁ କ୍ଷମତା ଦିଆଯାଇଛି ।

ଏହି କ୍ଷମତାକୁ ବ୍ୟବହାର କରିବାରେ ଗୃହ ଆଦୌ ହେଳା କରିନାହିଁ । ୨୦୧୪ ମସିହାରେ ଏପରି ସଂଶୋଧନ ପ୍ରସ୍ତାବ ପାରିତ ହେବାର ଦିନକ ପରେ ହିଁ ଗୃହ ଏହି କ୍ଷମତାକୁ ବ୍ୟବହାର କଲା । ସେହି ଅଧିବେଶନ ୧୨ ଦିନ ଆଗରୁ ବନ୍ଦ ହୋଇଗଲା । ବନ୍ଦ କରିବା ପାଇଁ ପ୍ରସ୍ତାବ ଦେଲେ ଶାସକ ଦଳ ଓ ସମର୍ଥନ କଲେ ବି ଶାସକ ଦଳ । ତାହା ପର ଠାରୁ ପ୍ରତି ବର୍ଷ ଏହି ଧାରା ଅବ୍ୟାହତ ରହିଛି । କୌଣସି ଗୋଟିଏ କ୍ୟାଲେଣ୍ଡର ବର୍ଷରେ ବି ବିଧାନସଭା ୬୦ ଦିନ ବସିନି । ସବୁଥର ସେହି ଗୋଟିଏ ଯୁକ୍ତି, ଆଉ ସରକାରୀ କାର୍ଯ୍ୟକ୍ରମ ନାହିଁ । ତେଣୁ ବିଧାନସଭା ଅଧିବେଶନ ବସିବାର ଆବଶ୍ୟକତା ନାହିଁ । ଏପରି ଯୁକ୍ତି ଦର୍ଶାଯାଉଛି ଯେ ଲାଗୁଛି ଯେମିତି ରାଜ୍ୟର କୌଣସି ପ୍ରସଙ୍ଗ ନାହିଁ ଆଲୋଚନା ପାଇଁ । ରାଜ୍ୟର ସବୁ ସମସ୍ୟା ସମାଧାନ ହୋଇଯାଇଛି ଓ ଲୋକ ଶାନ୍ତିରେ ଅଛନ୍ତି । ତର୍କ, ବିତର୍କ, ଆଲୋଚନା ସବୁ ଅପ୍ରାସଙ୍ଗିକ ।

ଚଳିତ ବର୍ଷ ଅଧିବେଶନ ଆଗୁଆ ବନ୍ଦ କରିବା ନେଇ ଶାସକ ଦଳ ମୁଖ୍ୟ ସଚେତକ ପ୍ରସ୍ତାବ ଆଣିଥିଲେ । ଏଥିରେ ସେହି ଚିରାଚରିତ ଯୁକ୍ତି ଥିଲା ଯେ ଆଉ କୌଣସି ସରକାରୀ କାର୍ଯ୍ୟ ନ ଥିବାରୁ ଗୃହକୁ ବନ୍ଦ ରଖାଯାଉ । ଏହା ସହ ଆଉ ଗୋଟିଏ ଉଦ୍ଭଟ ଯୁକ୍ତି ବି ସେ ଯୋଡ଼ିଥିଲେ । କୋଭିଡର ତୃତୀୟ ଲହର ଆଶଙ୍କା ଥିବାରୁ ଗୃହ କାର୍ଯ୍ୟକୁ ବନ୍ଦ ରଖିବାକୁ ସେ ପ୍ରସ୍ତାବ ଦେଇଥିଲେ । ଶାସକ ଦଳର ଅନ୍ୟ ସଭ୍ୟ ମଧ ଏହି ମର୍ମରେ ପ୍ରସ୍ତାବକୁ ସମର୍ଥନ କରିଥିଲେ । ମୁଖ୍ୟ ସଚେତକ ଯେଉଁ ଦିନ କୋଭିଡ୍ ଆଶଙ୍କା ଆଳରେ ଗୃହ, ବନ୍ଦ କରିଦେବାକୁ ପ୍ରସ୍ତାବ ଦେଇଥିଲେ, ଠିକ୍ ତାହାରି ପୂର୍ବ ଦିନ ଉଭୟ ଶାସକ ଓ ବିରୋଧୀ ଦଳ ହଜାର ହଜାର ଲୋକଙ୍କ ରାଜଧାନୀରେ ଠୁଳ କରିଥିଲେ । ସେଠାରେ କୋଭିଡ୍ କଟକଣାକୁ ଖୋଲା ଉଲ୍ଲଂଘନ କରାଯାଇଥିଲା । କୋଭିଡ୍ ପାଇଁ ରାଜନୈତିକ ସମାବେଶ ସହ ଅଧିକ ଲୋକ ଏକାଠି ହେବାରେ କଟକଣା ଜାରି କରାଯାଇଥିଲେ ରାଜନୈତିକ ନେତୃବୃନ୍ଦ ତାହାକୁ ଦଳିମକଚି ଦେଇଥିଲେ । ନା ଥିଲା ସାମାଜିକ କଟକଣା ନା ଥିଲା କାହାରି ମୁହଁରେ ମାସ୍କ । ହଜାର ହଜାର ଲୋକ ଏକାଠି ହେଲେ କରୋନା ସଂକ୍ରମଣ ହେଉ ନ ଥିଲା ବେଳେ ବିଧାନସଭା ଭିତରେ କରୋନାର ତୃତୀୟ ଲହର ଆତଙ୍କ ଖେଳାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

ପ୍ରତି ବର୍ଷ ୬୦ ଦିନ ବିଧାନସଭା ଚାଲିବା ପାଇଁ ବ୍ୟବସ୍ଥା ରହିଛି । ସେଥି ପାଇଁ ବଜେଟ୍ ଓ ମୌସୁମୀ ଅଧିବେଶନରେ ଯେତିକି ଦିନ ବିଧାନସଭା ଚାଲିଥାଏ, ତାହାକୁ ହିସାବ କରି ଡିସେମ୍ବରରେ ଅବଶିଷ୍ଟ ଦିନ ଚାଲିବା ପାଇଁ ଦିନ ଧାର୍ଯ୍ୟ ହୋଇଥାଏ । ସେହି ଅନୁଯାୟୀ ବିଜ୍ଞପ୍ତି ଜାରି ହୁଏ । ବାଚସ୍ପତି ମଧ ଗଣମାଧମରେ ୬୦ ଦିନ କଥା ଦୋହରାନ୍ତି ଓ ୬୦ ଦିନ ପୂରଣ ହେବା ପାଇଁ ବାକି ଥିଲା ଦିନଗୁଡିକ ଶୀତ ଅଧିବେଶନରେ ହେବ ବୋଲି କୁହନ୍ତି । କିନ୍ତୁ ପ୍ରତି ବର୍ଷ ଅଧିବେଶନ ଆଗୁଆ ବନ୍ଦ ହେଉଛି । ପ୍ରତି ବର୍ଷ ଏମିତି ପ୍ରସ୍ତାବ ଆଣି ଅଧିବେଶନକୁ କାଣ୍ଟଛାଣ୍ଟ କରିବା ଅପେକ୍ଷା ଏହି ୬୦ ଦିନର ବ୍ୟବସ୍ଥାକୁ ଉଚ୍ଛେଦ କରିଦେଲେ ଅସୁବିଧା କ'ଣ ବୋଲି ପ୍ରଶ୍ନ ଉଠିଲାଣି ।

ରାଜ୍ୟରେ ଆଇନ ପ୍ରଣୟନର ସର୍ବୋଚ୍ଚ ଗୃହ ହେଉଛି ବିଧାନସଭା । ଏଠାରେ ବିଧାୟକମାନେ ଯେପରି ଚାହିଁବେ ସେପରି ଆଇନ ପ୍ରଣୟନ କରିପାରିବେ । ତେଣୁ ଗୋଟିଏ ପ୍ରସ୍ତାବ ଓ ବହୁମତ ହିଁ ସରକାରଙ୍କର ବଡ଼ ପୁଞ୍ଜି । ତେଣୁ ବହୁମତରେ ଗୋଟିଏ ପ୍ରସ୍ତାବ ପାରିତ କରି ବିଧାନସଭା ଅଧିବେଶନ କମାଯାଇପାରୁଛି । ଏଥିରେ କିଛି ଆଇନଗତ ପ୍ରତିବନ୍ଧକ ନାହିଁ । ଏହାକୁ କେହି ହୁଏତ କୋର୍ଟରେ ଚ୍ୟାଲେଞ୍ଜ କରିପାରିବେ ନାହିଁ । କିନ୍ତୁ ନୈତିକତା ହଜିଯିବା ସାଧାରଣ ଜନତାଙ୍କୁ ବ୍ୟଥିତ କରିଛି । ଏହା ଦ୍ୱାରା ବାହାରକୁ ଏକ ଭୁଲ୍ ବାର୍ତ୍ତା ଯାଉଛି । ଏପରି ବ୍ୟବସ୍ଥା ଏକ ଆଲୋଡ଼ା ଉଦାହରଣ ମଧ ସୃଷ୍ଟି କରି ଚାଲିଛି ।

## ସ୍ୱାଧୀନତାର ପରିଚ୍ଛଦ

### ମହାତ୍ମା ଗାନ୍ଧୀ



ପ୍ରତିଦିନର ଜୀବିକା ନିମନ୍ତେ ଦରିଦ୍ରମାନଙ୍କ ଲାଗି ଖଦୀ ଏକ ସମ୍ମାନଜନକ ଧନ୍ଦା ଯୋଗାଇଦେବା ସଙ୍ଗେ ସଙ୍ଗେ ଅହିଂସା ମାର୍ଗରେ ସ୍ୱରାଜ୍ୟହାସଲ କରିବାର ଏକ ସାଧନ ହିସାବରେ ତାହାର ଏକ ଅତିରିକ୍ତ ଏବଂ ବୃହତ୍ତର ମୂଲ୍ୟ ମଧ ରହିଛି । ୧୯୦୮ ମସିହାରେ ଦକ୍ଷିଣ ଆଫ୍ରିକାରେ ଏହି ଧାରଣାଟି ମୋ' ମନକୁ ଆସିଥିଲା ଯେ, ଯଦି ଭାରତବର୍ଷକୁ ବିଦେଶୀ ପ୍ରଭୁତ୍ୱରୂପୀ ଯୁଆଳିରୁ ମୁକ୍ତ କରିବାକୁ ହୁଏ, ତେବେ ଭାରତକୁ ଏହି ଚରଖା ଓ ହାତକଟା ସୂତାକୁ ଦାସତ୍ୱର ନୁହେଁ, ମାତ୍ର ମୁକ୍ତିର ପ୍ରତୀକଭାବରେ ଦେଖି ଶିଖିବାକୁ ପଡିବ । ଚରଖାକୁ ହିଁ ଲହୁଣୀ ଠାରୁ ରୁଟି ପର୍ଯ୍ୟନ୍ତ ସବୁକିଛିକ ବଞ୍ଚାଇବାକୁ ହେବ । ମୋ ଲାଗି ଖଦୀ ହେଉଛି ଭାରତୀୟ ମାନବସମାଜର ଏକତାର ପ୍ରତୀକ, ଭାରତର ଆର୍ଥିକ ସ୍ୱାଧୀନତା ଏବଂ ସମତାର ପ୍ରତୀକ ତଥା ପରିଶେଷରେ ଜବାହରଲାଲ ନେହରୁଙ୍କର କବିତ୍ୱପୂର୍ଣ୍ଣ ଶବ୍ଦରେ କହିଲେ, ତାହା ହେଉଛି ଭାରତବର୍ଷର ସ୍ୱାଧୀନତାର ପରିଚ୍ଛଦ । ପୁନଶ୍ଚ, ଖଦୀ ମନୋଭାବ ଜୀବନର ଆବଶ୍ୟକତା ଗୁଡିକର ଉତ୍ପାଦନ ତଥା ବିତରଣ କ୍ଷେତ୍ରରେ ବିକେନ୍ଦ୍ରୀକରଣର ଏକ ବ୍ୟବସ୍ଥାକୁ ବୁଝାଇବ । ତେଣୁ, ଏ ପର୍ଯ୍ୟନ୍ତ ଯେଉଁ ସୂତ୍ରଟିକୁ ବାହାର କରାଯାଇଛି, ତାହା ହେଉଛି ଯେ, ପ୍ରତ୍ୟେକ ଗାଆଁ ନିଜର ସମସ୍ତ ଆବଶ୍ୟକତାକୁ ନିଜେ ଉତ୍ପନ୍ନ କରିବ ଓ ସହରଗୁଡିକର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ କିଛି ପ୍ରତିଶତ ଅଧିକ ମଧ ଉତ୍ପନ୍ନ କରୁଥିବ ।

ବଡ଼ ଓ ଭାରୀ ଶିଳ୍ପଗୁଡିକ କେନ୍ଦ୍ରୀୟ ତଥା ଜାତୀୟ ସମ୍ପତ୍ତି ହୋଇ ଅବଶ୍ୟ ରହିବେ । ମାତ୍ର, ଯେଉଁ ଯାବତୀୟ ଜାତୀୟ କାରବାର ଗୁଡିକ ପ୍ରଧାନତଃ ଗାଆଁରେ ଥିବ, ବଡ଼ ଓ ଭାରୀ ଶିଳ୍ପମାନେ ତାହାର କ୍ଷୁଦ୍ରାତିକ୍ଷୁଦ୍ର ଅଂଶ ହୋଇ ରହିଥିବେ । ଗ୍ରାମ୍ୟ ଜୀବନର କେନ୍ଦ୍ରରେ ରହି ଆସିଥିବା ଏହି ଉଦ୍ୟୋଗ ଓ ସମ୍ବନ୍ଧିତ ହସ୍ତଶିଳ୍ପଗୁଡିକର ମନଇଚ୍ଛା ବିନାଶସାଧନ ହେବା ପରେ ଗ୍ରାମମାନଙ୍କରୁ ସକଳ ବୁଦ୍ଧିମତ୍ତା ଓ ପ୍ରତିଭା ଗାଆଁ ଛାଡି ପଳାଇଗଲା । ସେହି ଉଦ୍ୟୋଗଗୁଡିକ ତା' ପରେ ଗ୍ରାମର ଅଯତ୍ନପାଳିତ ଗୋରୁମାନଙ୍କ ପରି ଅତ୍ୟନ୍ତ ନିରର୍ଥକ ତଥା ନିଷ୍ପ୍ରଭ ସ୍ତରକୁ ହିଁ ସ୍ଖଳିତ ହୋଇଗଲା ।

## ବହୁ ଉପକାରୀ ଦହି

ଦହିରେ ଭରି ରହିଛି ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ । ପ୍ରତିଦିନ ଦହି ଖାଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହ କାର୍ଯ୍ୟ କରିବାର ଦକ୍ଷତା ବୃଦ୍ଧି ପାଏ । ଏଥିରେ କ୍ୟାଲସିୟମ୍ ଓ ପଟାସିୟମ ଭରପୁର ମାତ୍ରାରେ ରହିଛି, ଯାହା ଶରୀର ପାଇଁ ବେଲ୍ ଲାଭପ୍ରଦ । ତେଣୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଦହିକୁ ସାମିଲ କରିବା ଜରୁରୀ ।

ଦହି ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ । ପ୍ରାୟ ୭୦% ଶକ୍ତି ଆମେ ଦହିରୁ ହିଁ ପାଇଥାଉ ।

ଦହିରେ କ୍ୟାଲସିୟମ୍ ଥିବାରୁ ଏହା ହାଡ଼ ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ । ଅଷ୍ଟିଓପୋରେସିସ୍ ସମସ୍ୟାକୁ ଏହା କେତେକାଂଶରେ ଦୂର କରିଥାଏ । ଏଥି ସହ ଦାନ୍ତକୁ ମଧ ଦୃଢ଼ ରଖେ ।

ଏହା ଚର୍ମ ଏବଂ କେଶକୁ ବଢ଼ିବାରେ ସାହାଯ୍ୟ କରେ । ଏଥିରେ ଥିବା ଲାକଟିକ୍ ଏସିଡ୍ ଯୋଗୁଁ କ୍ଷତ ସ୍ଥାନ ଶୀଘ୍ର ପୂରଣ ହୋଇ ଯାଇଥାଏ । ଲାକଟିକ୍ ଏସିଡରେ ଆଣ୍ଟି ଫଙ୍ଗାଲ୍ ଗୁଣ ରହିଛି, ଯାହା କେଶମୂଳକୁ ଶକ୍ତ ରଖିବା ସହ ରୂପ ହେବାରୁ ରକ୍ଷା କରେ । ହଜମ ପ୍ରକ୍ରିୟାକୁ ଆହୁରି



ସକ୍ରିୟ କରେ ଦହି । ଏହାକୁ ନିୟମିତ ଖାଇଲେ ଶରୀରରେ କୋଲେଷ୍ଟରଲ୍ ପରିମାଣ ସନ୍ତୁଳିତ ରହିଥାଏ । ତା' ସହ ମେଦ ବହୁଳତା ପରି ସମସ୍ୟାକୁ କେତେକାଂଶରେ କମାଇଥାଏ । ଏହା ହାର୍ଟକୁ ମଧ କେତେକାଂଶରେ ସୁସ୍ଥ ରଖିଥାଏ । ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖେ ଦହି ।

## ଗର୍ଭଧାରଣରେ ସମସ୍ୟା ସୃଷ୍ଟି କରେ ଫାଷ୍ଟଫୁଡ୍

ଫଳ ତୁଳନାରେ ଅଧିକ ମାତ୍ରାରେ ଫାଷ୍ଟ ଫୁଡ୍ ଖାଉଥିବା ମହିଳାଙ୍କଠାରେ ଗର୍ଭଧାରଣରେ ସମସ୍ୟା ସୃଷ୍ଟି କରିଥାଏ । ଗବେଷକମାନେ ପ୍ରଥମଥର ମା' ହୋଇଥିବା ୫୫୯୮ ମହିଳାଙ୍କ ଖାଦ୍ୟପେୟ ଉପରେ ଗବେଷଣା କରି ଏହା ଜାଣିବାକୁ ପାଇଛନ୍ତି । ଗବେଷଣାରେ ଗର୍ଭଧାରଣର ପ୍ରଥମ ମାସରୁ ପ୍ରତିଦିନ ଫଳ ଆହରଣ କରୁଥିବା ମହିଳାଙ୍କ ତୁଳନାରେ ପ୍ରତିଦିନ ଫାଷ୍ଟଫୁଡ୍ ଖାଉଥିବା ଗର୍ଭବତୀ ମହିଳାଙ୍କର ଗର୍ଭଧାରଣରେ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା । ଫଳ ତୁଳନାରେ ଫାଷ୍ଟ ଫୁଡ୍ ସେବନ କରୁଥିବା ଗର୍ଭବତୀ ମହିଳାଙ୍କ ଠାରେ ୧୨ ପ୍ରତିଶତ ଗର୍ଭପାତ ଆଶଙ୍କା ବଢ଼ିଯାଏ । ଗର୍ଭଧାରଣ କରିବାକୁ ଚାହୁଁଥିବା ମହିଳାଙ୍କୁ ନିଜ ଖାଦ୍ୟପାନୀୟ ଉପରେ ବିଶେଷ ଦୃଷ୍ଟି ଦେବା ଉଚିତ୍ । ତେଣୁ ଭୋଜନରେ ସର୍ବଦା ଗୁଣକାରୀ ସୁସ୍ଥ ଖାଦ୍ୟଦ୍ରବ୍ୟ ସାମିଲ କରିବା ଉତ୍ତମ ରହିବ । ନଚେତ୍ ବାରମ୍ବାର ଫାଷ୍ଟ ଫୁଡର ସେବନ ମହିଳାଙ୍କ ସବୁ ଖୁସି ନଷ୍ଟ କରି ଦେଇପାରେ ।

## ଲାଭକାରୀ ସପୁରୀ

ସପୁରୀର ବାହାର ଅଂଶ ଯେତେ କଣ୍ଟାକିଆ ଭିତର ସେତେ ସୁଆଦିଆ । ତେବେ ସପୁରୀ ପାଟିକୁ ସ୍ୱାଦ ଲାଗିବା ସହ ସ୍ୱାସ୍ଥ୍ୟ ପ୍ରତି ମଧ ଉପକାରୀ । ଏଥିରେ ଭରପୁର ମାତ୍ରାରେ ଔଷଧୀୟ ଗୁଣ ରହିଛି । ଏହାକୁ ଖାଇବା ଦ୍ୱାରା ଅନେକ ରୋଗ ଦୂର ହେବା ସହ ତ୍ୱଚାରେ ଚମକ ମଧ ଆସିଥାଏ ।



ସପୁରୀକୁ ଦୈନିକ ସକାଳେ ଜଳଖିଆ ସହ ମିଶାଇ ଖାଇବା ଦ୍ୱାରା ପେଟ ଭର୍ତ୍ତି ରହିଥାଏ । ଏଥିରେ ଅତ୍ୟଧିକ ଜଳୀୟଅଂଶ ଥିବାରୁ ଏହା ଶରୀରକୁ ସତେଜ ରଖିଥାଏ । ସପୁରୀ ମଧରେ ବ୍ରୋମେଲେନ ନାମକ ଏକ ଏନଜାଇମ ରହିଛି । ଏହା ଖାଦ୍ୟ ହଜମ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ । ଅନେକ ସମୟରେ ଭୋଜିମାନଙ୍କରେ ଅଧିକ ମସଲାଯୁକ୍ତ ଖାଦ୍ୟ ଖିଆ ଯାଇଥାଏ । ଏହି ସମୟରେ ଅଳ୍ପ କିଛି ସପୁରୀରେ କଳାଲୁଣ ଏବଂ ଗୋଲମରିଚ ଗୁଣ୍ଡ ପକାଇ ଖାଇଲେ ଏହା ହଜମ କରିବାରେ ସାହାଯ୍ୟ କରିଥାଏ ।

ଛୋଟରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କର ପେଟରେ କୃମି ସମସ୍ୟା ଦେଖା ଦେଇଥାଏ । ଏହା ବହୁତ ଯନ୍ତ୍ରଣା ଦାୟକ ରହିଥାଏ । ଦୈନିକ କିଛି ଖଣ୍ଡ ସପୁରୀ ଖାଇବା ଦ୍ୱାରା କୃମି କମିବା ସହ ଯନ୍ତ୍ରଣା ମଧ ଦୂର ହୋଇଥାଏ । ପ୍ରତିଦିନ ଦୁଇରୁ ତିନି ଖଣ୍ଡ ସପୁରୀ ଖାଇବା ଦ୍ୱାରା ଶ୍ୱାସ ଏବଂ କଫ ଜନିତ ସମସ୍ୟା ଦୂର ହୋଇଥାଏ । ଏହା ଦ୍ୱାରା ଫୁସଫୁସ୍ ମଧ ସଫା ରହିଥାଏ । ଦୈନିକ ଏକ ଗ୍ଲାସ ସପୁରୀ ରସ ପିଇବା ଦ୍ୱାରା କିଡନୀ ଷ୍ଟୋନ ଯନ୍ତ୍ରଣାର ଉପଶମ ମିଳିଥାଏ । ସପୁରୀ ଯେ ଖାଲି ସ୍ୱାସ୍ଥ୍ୟ ପାଇଁ ଉପକାରୀ ତାହା ନୁହେଁ ଏହା ଦ୍ୱାରା ତ୍ୱଚାରେ ଚମକ ମଧ ଫେରି ଆସିଥାଏ । ସପୁରୀରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଚର୍ମରେ ଥିବା କର୍କଟଜନିତ ଜୀବାଣୁକୁ ନଷ୍ଟ କରିଥାଏ । ଏହା ଦ୍ୱାରା ଦାନ୍ତର ମାଢ଼ି ଶକ୍ତ ମଧ ହୋଇଥାଏ । ସପୁରୀରେ ଥିବା ଆଷ୍ଟିଜେଣ୍ଟ କେଶ ଝଡିବାବନ୍ଦ କରିବା ସହ ମାଂସପେଶୀକୁ ମଧ ଶକ୍ତ ରଖିଥାଏ ।

## ବୃକକ୍ ପଥର ସମସ୍ୟାରୁ ମୁକ୍ତି

ଚିକିତ୍ସକଙ୍କ ପରାମର୍ଶ ବିନା ଅଧିକ କ୍ୟାଲସିଅମ୍ ବଟିକା ଖାଇଲେ, ବୃକକରେ ପଥର ହୋଇପାରେ । ସବୁଠାରୁ ସାଧାରଣ ବୃକକ୍ ପଥର ହେଉଛି- କ୍ୟାଲସିୟମ୍ ଅକ୍ସାଲେଟ୍ ପିବଲ୍ସ । ଅକ୍ସାଲିକ୍ ଏସିଡ୍ ସହ ମିଶିଲେ କ୍ୟାଲସିୟମ ପଥର ପାଲଟେ । ତେଣୁ କ୍ୟାଲସିଅମ୍ ବଟିକା ପ୍ରତି ସତର୍କ ରହନ୍ତୁ । ଖାଲି ପେଟରେ ଖାଆନ୍ତୁ ନାହିଁ । ଖାଲି ପେଟରେ ଖାଇଲେ, ସିଧା ମୂତ୍ରନଳିକୁ ଯାଇ ନାନା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରାଏ । ସର୍ବଦା ଖାଦ୍ୟ ସହ ଖାଆନ୍ତୁ । ପ୍ରଚୁର ପାଣି ପିଅନ୍ତୁ । ବୃକକ୍ ସମସ୍ୟା ଥିଲେ, ଦିନରେ ତିନି ଲିଟର ପାଣି ପିଅନ୍ତୁ । ପ୍ରତି ଥର ଖାଇବା ପରେ ଏକ ଗ୍ଲାସ ପାଣି ପିଅନ୍ତୁ । ଶୋଇବା ପୂର୍ବରୁ ଏକ ଗ୍ଲାସ୍ ପିଅନ୍ତୁ । ରାତିରେ ଉଠୁଥିଲେ ବି ପାଣି ପିଅନ୍ତୁ । କମଳା ରସ, ଲେମ୍ବୁ ରସ, ଚାହା, କଫି, ୱାଇନ୍ ଓ ବିଅର ପିଇଲେ କୌଣସି କ୍ଷତି ନାହିଁ । ତେବେ, ଲୁଣ



କମ୍ ଖାଆନ୍ତୁ । ଏହା ପରିସ୍ରାରେ କ୍ୟାଲସିୟମ ପରିମାଣ ବଢ଼ାଏ । କୋଲା, ଅଙ୍ଗୁର ରସ, କ୍ରାନ୍ବେରି ରସ, ପାଳଙ୍ଗ, ସମସ୍ତ ପ୍ରକାରର ଫାଷ୍ଟ ଫୁଡ୍ ଏବଂ ସଲ୍ଟେଡ୍ ନଟ୍ସ ଲୁଣ ପରିମାଣ ବାଉଥିବାରୁ ଛୁଅନ୍ତୁ ନାହିଁ ।

## ବିଳମ୍ବରେ ରାତ୍ରି ଭୋଜନ କରୁଛନ୍ତି କି ?

ଖାଦ୍ୟ ଶରୀରପକ୍ଷେ ନିହାତି ଆବଶ୍ୟକ । ତେବେ ଖାଦ୍ୟ ଖାଇବାର ବି ସଠିକ୍ ସମୟ ରହିଛି । ଯଦି ସଠିକ୍ ସମୟରେ ଭୋଜନ ନ କରିବା ତେବେ ଶରୀରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେବ । ଅନେକ ସମୟରେ ଦେଖାଯାଏ ଆମେ ରାତ୍ରିଭୋଜନକୁ ବହୁ ବିଳମ୍ବରେ ଖାଇଥାଉ । ଏହା ସ୍ୱାସ୍ଥ୍ୟ ସମସ୍ୟାର ଏକ ମୁଖ୍ୟ କାରଣ । ଫଳରେ ଶରୀରରେ ବିଭିନ୍ନ ଉପକାରୀ ରସ କ୍ଷରଣରେ ବାଧା ଉପୁଜେ । ଗ୍ଲୁକୋଜ, ଇନସୁଲିନ୍ ଓ ରକ୍ତଚାପ ପରି ଏହା



ମଧୁମେହ ସମସ୍ୟା ସୃଷ୍ଟି କରାଏ । ଖାଦ୍ୟ ସଠିକ୍ ଭାବେ ହଜମ ହୁଏନାହିଁ ଏବଂ ଚର୍ବି ବଢ଼ି ଅଧିକ ଦିନ ପର୍ଯ୍ୟନ୍ତ ବିଳମ୍ବରେ ରାତ୍ରିଭୋଜନ, ମସ୍ତିଷ୍କ ଓ ହୃତପିଣ୍ଡ ପାଇଁ ବିପଜ୍ଜନକ ହୋଇଥାଏ । ରାତ୍ରିଭୋଜନର ଦୁଇ ଘଣ୍ଟା ମଧରେ ଶୋଇ ପଡୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ଆଶଙ୍କା ଅଧିକ ଥିବା ପେନ୍ସିଲଭାନିଆ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ଗବେଷକଙ୍କ ମତ ଦେଇଛନ୍ତି । ରାତ୍ରି ଆଠଟା ମଧରେ ରାତ୍ରିଭୋଜନ ଖାଇନେବା ଉଚିତ । ଏହାର ଦୁଇ ଘଣ୍ଟା ପରେ ଶୋଇବାକୁ ଗଲେ ବିପଦ କମ୍ ରହିଥାଏ । ଚାପ ପକାଉଥିବା ହର୍ମୋନ୍ ଆଡ୍ରେନାଲାଇନ୍ କ୍ଷରଣ ପ୍ରଭାବିତ ହୁଏ ନାହିଁ ଓ ମେଦ ଜମେନାହିଁ । କେବଳ ଏତିକି ନୁହେଁ ରାତି ଅଧରେ ବିସ୍କୁଟ୍ ଖାଇଲେ ସ୍ମରଣ ଶକ୍ତି କମିଥାଏ ବୋଲି ଅଧ୍ୟୟନରୁ ସ୍ପଷ୍ଟ ହୋଇଛି ।

## ସ୍ୱାସ୍ଥ୍ୟ ପାଇଁ ଲିମ୍ବ ପାଣି

ଲିମ୍ବ ପାଣିରେ ରହିଛି ପ୍ରଚୁର ପରିମାଣରେ ଆଣ୍ଟି ଇନଫ୍ଲାମେଟୋରି ତତ୍ତ୍ୱ ଯାହାଦ୍ୱାରା ତାପମାତ୍ରାରେ କିଛି ପରିବର୍ତ୍ତନ ଦ୍ୱାରା ଯେଉଁ ଇନଫ୍ଲାମେସନ ହୋଇଥାଏ ତାହା ହୁଏ ନାହିଁ । ଲିମ୍ବ ହେଉଛି ଏକ ପ୍ରାକୃତିକ ଚିକିତ୍ସା ଉପାୟ ଯାହାଦ୍ୱାରା ତ୍ୱଚାରେ ହେଉଥିବା କଳାଦାଗ ଆପେଆପେ ଭଲ ହୋଇଯାଏ ।



ଲିମ୍ବପାଣି ପିଇଲେ କେବଳ ଯେ, ଏହା ତ୍ୱଚାପାଇଁ ଭଲ କାମ ଦେବ ତାହା ନୁହେଁ । ଲିମ୍ବପାଣି ଶରୀରର ହଜମପ୍ରକ୍ରିୟାକୁ ମଧ ଖୁବ୍ ଭଲଭାବେ ସଫା କରିଦିଏ । କିଡ୍ନିକୁ ମଧ ନିର୍ମଳ ରଖେ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ପାଇଁ ଏହା ଶରୀରରୁ ସମସ୍ତ ବିଷାକ୍ତ ଅଂଶ କାଢ଼ିଦେଇ ଶରୀରର ହଜମକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ।

ଏଥିରେ ଥିବା ଆଣ୍ଟି ଏଜିଙ୍ଗ ତତ୍ତ୍ୱ ତ୍ୱଚାକୁ ଏକଦମ୍ ନିର୍ମଳ ରଖେ । ବ୍ରଣ ସମସ୍ୟାରୁ ତୁରନ୍ତ ମୁକ୍ତି ଦେଇଥାଏ । ବ୍ରଣ କମିବା ପାଇଁ ଏହାକୁ ମହୁ ଏବଂ ଦୁଗ୍ଧ ସହିତ ମିଶାଇ ତ୍ୱଚାରେ ବ୍ୟବହାର କଲେ ଏହା ଖୁବ୍ ଭଲ କାମ କରିଥାଏ ।

## ତମ୍ବାର ଔଷଧୀୟ ଗୁଣ

ଜ୍ୟୋତିଷଶାସ୍ତ୍ରରେ ନଅଟି ଗ୍ରହ ବିଷୟରେ କୁହାଯାଇଛି । ପ୍ରତ୍ୟେକ ଗ୍ରହର ବିଶେଷ ମହତ୍ତ୍ୱ ରହିଛି । ଗ୍ରହର ଗତିପଥରୁ ବ୍ୟକ୍ତିଙ୍କ ଭଲ ଓ ଖରାପ ଦିନ ଆସିଥାଏ । ଲୋକମାନେ ମଧ ଗ୍ରହ ଦୋଷ ଦୂର କରିବା ପାଇଁ ଅନେକ ପ୍ରକାର ଧାତୁର ମୁଦି ପରିଧାନ କରନ୍ତି । ସବୁ ଗ୍ରହମାନଙ୍କର ଭିନ୍ନ ଭିନ୍ନ ଧାତୁ ଥାଏ । କିନ୍ତୁ ସବୁ ଗ୍ରହର ରାଜା ହେଉଛନ୍ତି ସୂର୍ଯ୍ୟ । ସୂର୍ଯ୍ୟଙ୍କ ପ୍ରିୟ ଧାତୁ ହେଉଛି ତମ୍ବା । ତମ୍ବା ମୁଦି ଧାରଣ କରିବାର ଅନେକ ଲାଭ ରହିଛି ।



ତମ୍ବା ମୁଦିକୁ ସୂର୍ଯ୍ୟ ଆଙ୍ଗୁଠି ଅର୍ଥାତ୍ ରିଙ୍ଗ ଫିଙ୍ଗରରେ ପିନ୍ଧିବା ଉଚିତ୍ । ଯାହା ଫଳରେ ସୂର୍ଯ୍ୟ ଓ ମଙ୍ଗଳଙ୍କ ଅଶୁଭ ପ୍ରଭାବ ଦୂର ହୋଇଥାଏ ।

ତମ୍ବା ମୁଦି ସବୁବେଳେ ଶରୀରର ସଂସ୍ପର୍ଶରେ ରହିଲେ ତମ୍ବାରେ ଥିବା ଔଷଧୀୟ ଗୁଣ ଶରୀରକୁ ଯାଏ । ଯେପରି ତମ୍ବା ବାସନରେ ଖାଇଲେ ସ୍ୱାସ୍ଥ୍ୟକୁ ଲାଭ ମିଳିଥାଏ ଠିକ୍ ସେପରି ତମ୍ବା ମୁଦି ଧାରଣ କଲେ ରକ୍ତ ସଫା ହୁଏ । ତ୍ୱଚାର ଚମକ ବଢ଼େ ।

ପେଟ ଜନିତ ରୋଗ ବି ଦୂର ହୁଏ । ପାଚନ କ୍ରିୟା ଠିକ୍ ହୁଏ, ଏସିଡିଟି ସମସ୍ୟା ମଧ ଦୂର ହୁଏ ।

ଆୟୁର୍ବେଦରେ ବର୍ଣ୍ଣିତ ହୋଇଛି ତମ୍ବା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢ଼ାଏ । ତମ୍ବା ମୁଦି ପରିଧାନ କଲେ ରକ୍ତଚାପ ନିୟନ୍ତ୍ରଣ ରହେ । ତମ୍ବା, ମାଂସପେଶୀ ବ୍ୟଥାକୁ ବି ଦୂର କରେ ।

## ତଳେ ବସି ଖାଇଲେ କ'ଣ ହୁଏ ?

ତଳେ ବସି ଖାଇବାର ପରମ୍ପରା କାହିଁ କେଉଁ କାଳରୁ ରହି ଆସିଛି । କିନ୍ତୁ ଧୀରେ ଧୀରେ ସମୟ ବଦଳୁଛି ଏବଂ ତା' ସହ ପରମ୍ପରା ମଧ ଆଜିକାଲି ପିଲାମାନେ ତଳେ ବସି ଖାଇବା ଅପେକ୍ଷା ଡାଇନିଙ୍ଗ ଟେବୁଲ ଉପରେ ବସି ଖାଇବାକୁ ଅଧିକ ଭଲ ପାଉଛନ୍ତି । କାରଣ ତଳେ ବସି ଖାଇବାକୁ ସେମାନେ ଏକ ପୁରୁଣା ପରମ୍ପରା ବୋଲି ଭାବି ନେଉଛନ୍ତି ।



ତଳେ ବସି ଖାଇଲେ ହଜମ ପ୍ରକ୍ରିୟା ଠିକ୍ ହୋଇ ରହିଥାଏ । ସାଧାରଣ ଭାବରେ ତଳେ ବସି ଖାଇବା ବେଳେ ଆମେ ଦୁଇଟି ଗୋଡ଼ ଛନ୍ଦି କରି ବସିଥାଉ, ଯାହାକୁ ସୁଖାସନ ବୋଲି କୁହାଯାଏ ।

ଏହି ପ୍ରକାରର ଆସନ କରିବା ଦ୍ୱାରା ହଜମ ପକ୍ରିୟା ଠିକ୍ ରହିଥାଏ । ସେଥିପାଇଁ ତଳେ ବସି ଖାଇଲେ ବଦହଜମିରୁ ଦୂରରେ ରହିବେ । ତଳେ ଖାଇବା ବେଳେ ଆପଣ ଟିକେ ଆଗକୁ ଏବଂ ଟିକେ ପଛକୁ ଆସିଥାନ୍ତି । ଏଭଳି କରିବା ଦ୍ୱାରା ପେଟରେ ଥିବା ଶିରାଗୁଡିକ ସକ୍ରିୟ ହୋଇ ଯାଇଥାଏ ଏବଂ ଏହା ପରେ ପେଟରୁ ଏସିଡ୍ କ୍ଷରଣ ହୋଇଥାଏ, ଯାହାଦ୍ୱାରା ହଜମ ଠିକ୍ ଭାବରେ ହୋଇଥାଏ ।

ତଳେ ବସି ଖାଇବା ଦ୍ୱାରା ଆପଣଙ୍କ ମସ୍ତିଷ୍କ ଶାନ୍ତ ହେବା ସହ ଆପଣଙ୍କ ଲକ୍ଷ୍ୟ ଖାଇବା ଉପରେ ଥାଏ । ଏପରି ବସିବା ଦ୍ୱାରା ଆପଣଙ୍କ ପେଟ ଶୀଘ୍ର ଭରିଯିବା ଭଳି ମନେହୋଇଥାଏ କିନ୍ତୁ ପେଟ ପ୍ରକୃତରେ ପୁରି ନ ଥାଏ । ଏହା ଦ୍ୱାରା ଆପଣଙ୍କ ଶରୀରର ଓଜନ ବୃଦ୍ଧି ହୋଇ ନ ଥାଏ ।

ତଳେ ବସି ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ରହିଥାଏ ଫଳରେ ହୃତପିଣ୍ଡ ସୁସ୍ଥ ରହିବା ସହ ହୃଦଘାତ ହେବାର ଆଶଙ୍କା କମ୍ ହୋଇଥାଏ ।

## ଅଟାର ବହୁମୁଖୀ ଗୁଣ

ଖାଦ୍ୟରେ ବ୍ୟବହୃତ ହେଉଥିବା ଅଟାକୁ ନେଇ ଏବେ ତ୍ୱଚା ଆକର୍ଷଣୀୟ କରିବାରେ ବି ଉପଯୋଗ କରିପାରିବେ ।

ଅଟାରେ ୨ ଚାମଚ ଲେମ୍ବୁରସ ଓ ଟିକିଏ କ୍ଷୀର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ ଓ ମୁହଁରେ ଲଗାନ୍ତୁ । ଏହାଦ୍ୱାରା ତ୍ୱଚାର ରକ୍ତପ୍ରବାହ ଠିକ୍ ହେବ ଓ ମୁହଁରେ ଚମକ ଆସିବ ।

୧ ଚାମଚ ଅଟା, ୧ ଚାମଚ ସିରକା, ଲେମ୍ବୁରସ ମିଶାଇ ପେଷ୍ଟ କରନ୍ତୁ । ଏହାକୁ ଚେହେରାରେ ଲଗାନ୍ତୁ । ଅଧଘଣ୍ଟା ପରେ ତ୍ୱଚାକୁ ଧୋଇ ଦିଅନ୍ତୁ ।

ଅଟାରେ ପାଣି ଦେଇ ଧିମା ଆଞ୍ଚରେ ବସାନ୍ତୁ । ଏଥିରେ ମହୁ ମିଶାଇ ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ । ୧୫/୨୦ ମିନିଟ୍ ପରେ ମୁଖକୁ ଧୋଇ ଦିଅନ୍ତୁ ।

ଅଟାରେ ଗୋଲାପଜଳ ମିଶାଇ ଚେହେରା ଓ ବେକରେ ଲଗାନ୍ତୁ । ଏଥିରେ ଶରୀରରେ ରହିଥିବା ତେଲିଆ ଅଂଶ ଦୂରିଭୂତ ହୋଇଥାଏ ।

ଅଟା ୨ ଚାମଚ, ଅଣ୍ଡାର ଧଳା ଅଂଶ, ୧ ଚାମଚ ମହୁ, ୨ ଚାମଚ ବାଦାମ ତେଲ ମିଶାଇ ଲଗାନ୍ତୁ । ୧୫



ମିନିଟ୍ ପରେ ତ୍ୱଚାକୁ ଧୋଇ ଦିଅନ୍ତୁ । ଏହାପରେ ତ୍ୱଚା ସୁନ୍ଦର ଏବଂ ସତେଜ ଦେଖାଯାଇଥାଏ ।

## ରାମକଥା



ହନୁମାନ ଦିନ ତମାମ ଶ୍ରୀରାମଙ୍କ ସମ୍ମୁଖରେ ନିଷ୍ଠାର ସହିତ ଉପସ୍ଥିତ ରହିଥାନ୍ତି । ଶ୍ରୀରାମଙ୍କୁ ଖୁବ୍ ଆନନ୍ଦ ଲାଗୁଥିଲା । ଶ୍ରୀରାମ ମନେ ମନେ ହସି କହୁଥାନ୍ତି ମୋ ପାଖରେ ହନୁମାନ ଥିଲେ ମୋତେ ଖୁବ୍ ଭଲ ଲାଗେ । ଯା ବିନା ମୁଁ ଶୋଭା ପାଏ ନାହିଁ । ରାତିରେ ଶ୍ରୀରାମ ଶୋଇବାକୁ ଗଲେ । ସୀତାଦେବୀ ଆସିବା ପୂର୍ବରୁ ହନୁମାନ ପ୍ରଭୁଙ୍କୁ ଶଯ୍ୟା ସମ୍ମୁଖରେ ଉପସ୍ଥିତ ହୋଇ ଯାଇଥିଲେ । ସୀତା ଆସିଲେ । ସେ ମନେ ମନେ ବିରକ୍ତି ଭାବ ପ୍ରକାଶ କରି ଶ୍ରୀରାମଙ୍କୁ କହିଲେ ହେ ନାଥ ! କ'ଣ କରିବା କୁହନ୍ତୁ । ଆପଣଙ୍କର ଏହି ହନୁମାନ୍ କାହା କଥା ବୁଝୁନି କି ଶୁଣୁନି । ତୁମେ ତାକୁ ବହୁତ ଆଦର କରୁଥିବାରୁ ଏପରି ଅବସ୍ଥା ହୋଇଛି । ଏବେ ତାକୁ ଏଠାରୁ ଚାଲିଯିବା ପାଇଁ ଦୟାକରି କୁହ । ଶ୍ରୀରାମ କହିଲେ ମୁଁ ସମସ୍ତଙ୍କୁ କହିପାରିବି, ହେଲେ ହନୁମାନଙ୍କୁ କିଛି କହିପାରିବି ନାହିଁ । ତାକୁ କିଛି କହିବା ପାଇଁ ମୋର ଅଧିକାର ନାହିଁ । ସେ ମୋର ଯେତେ ସେବା କରିଛି, ମୁଁ ତ ତା ପାଖରେ ଋଣୀ ହୋଇଯାଇଛି । ଜଗତ ଶ୍ରୀରାମଙ୍କ ଅଧୀନରେ । ଶ୍ରୀରାମ କିନ୍ତୁ ହନୁମାନଙ୍କ ଅଧୀନରେ ସବୁବେଳେ ଥାଆନ୍ତି । ରାମାବତାରରେ ପରମାତ୍ମା ଭଗବାନ ଶ୍ରୀ ହନୁମାନଙ୍କର ଋଣୀ ରହିଥିଲେ, ଆଉ କୃଷ୍ଣାବତାରରେ ଗୋପୀମାନଙ୍କର । ଗୋପୀମାନେ ଭଗବାନ କୃଷ୍ଣଚନ୍ଦ୍ରଙ୍କୁ କହୁଥିଲେ- ଆରେ ସଖୀମାନେ ! ତୁମେ ସବୁ ମୋ ପାଇଁ ଘରଦ୍ୱାର, ବାଡ଼ି ବଗିଚା ଛାଡ଼ି ଦେଇଛ । ଏହି ବନ୍ଧନ ବଡ଼ ବଡ଼ ଯୋଗୀମାନେ ବି ଏତେ ଶୀଘ୍ର ଛିଣ୍ଡାଇ ପାରିନାହାନ୍ତି । ମୋର ଆଉ ତୁମର ଏହି ମିଳନ ନିର୍ମଳ ଆଉ ନିର୍ଦ୍ଦୋଷ । ଯଦି ମୁଁ ଅମର ରହି, ଅନନ୍ତ କାଳ ପର୍ଯ୍ୟନ୍ତ ତୁମର ପ୍ରେମ, ସେବା ଆଉ ତ୍ୟାଗକୁ ପରିଶୋଧ କରିବାକୁ ଚେଷ୍ଟା କରେ, ତେବେ ବି ଶୁଝିପାରିବି ନାହିଁ । ଜନ୍ମ ଜନ୍ମାନ୍ତର ଧରି ମୁଁ ତୁମର ଋଣୀ ରହିଥିବି । ସେବା ସ୍ମରଣ ବ୍ୟତୀତ ବଶୀକରଣ ନିମନ୍ତେ ଅନ୍ୟ କୌଣସି ଉପାୟ ନାହିଁ । ହନୁମାନ ଶ୍ରୀରାମଙ୍କର ଏହିପରି ସେବା କରିଥିଲେ । ପ୍ରତିବଦଳରେ ହନୁମାନ କିଛି ବୋଲି କିଛି ନେଇ ନ ଥିଲେ । ସେ ନିଷ୍କାମ ଭାବରେ କେବଳ ସେବା କରିଥିଲେ ।

## ସ୍ୱର୍ବେଦ




**କେୱଲ ହୈ ଅଭିମାନ ଗୟ,**
**ସେୱକ ସ୍ୱାମୀ ଭାୱ ।**
**ଚେତନ ଉର୍ଦ୍ଧ୍ୱ ପ୍ରୱାହ ମେଁ,**
**କୈୱଲ୍ୟ ଦେହ ଅଭାୱ ॥୦୫॥**

ଭାଷ୍ୟ - ଯେଉଁ ସମୟରେ ଆତ୍ମାକୁ ଏହି ଭାବନା ହୋଇଯାଏ ଯେ ମୁଁ ବ୍ରହ୍ମ ଅଟେଁ' ସେହି ଅବସ୍ଥାରେ ଅଜ୍ଞାନତାବଶତଃ ନିଜ ସ୍ୱରୂପକୁ ଭୁଲିଯିବା କାରଣରୁ ପ୍ରକୃତି ପ୍ରବାହରେ ନିମ୍ନକୁ ଚାଲିଯାଏ । ଏହି ଅଭିମାନଯୁକ୍ତ ଶରୀରକୁ କୈବଲ୍ୟ ଶରୀର କହନ୍ତି । ମୁଁ ବ୍ରହ୍ମ ଅଟେଁ' - ଏହି ଅଭିମାନଯୁକ୍ତ ଭାବନା ଜୀବ ପତନର କାରଣ ଅଟେ । ନିଜ ପ୍ରଭୁଙ୍କର ପଦକୁ ସ୍ୱୟଂ ନିଜ ବୋଲି ଜାଣିବା ଏବଂ ଗ୍ରହଣ କରିବା ଏବଂ ଆମଠୁ ଭିନ୍ନ ଅନ୍ୟ କିଛି ନାହିଁ ମୁଁ ହିଁ ବ୍ରହ୍ମ ଅଟେଁ' - ଏହି ଅବିଦ୍ୟା ଦ୍ୱାରା ପ୍ରକଟିତ ବାଣୀ ଜୀବର ଅଧଃପତନର କାରଣ ଅଟେ । ଜୀବ ସର୍ବଦା ଜୀବ ଅଟେ । ସେ କଦାପି ବ୍ରହ୍ମ ହୋଇ ପାରିବ ନାହିଁ । ଯୋଗ ସମାଧିରେ ଜୀବ ଲୌହ ଅଗ୍ନିବତ୍ ବ୍ରହ୍ମ ସାଧର୍ମ୍ୟକୁ ପ୍ରାପ୍ତ କରୁଥିଲେ ସୁଦ୍ଧା କଦାପି ବ୍ରହ୍ମ ହୋଇଯାଏ ନାହିଁ । ସମାଧି ଅଥବା ମୁକ୍ତିରେ ଜୀବ ବ୍ରହ୍ମାନନ୍ଦ ଭୋଗ କରି ତନ୍ମୟ ଏବଂ ତଦାକାର ହୋଇ ଆନନ୍ଦ ପ୍ରାପ୍ତ କରିଥାଏ । ଜଡ଼ ପଦାର୍ଥ ଅନ୍ୟ ପଦାର୍ଥରେ ଲୟ ହୋଇଯାଏ । କାର୍ଯ୍ୟ ଏବଂ କାରଣରେ ଲୟ ହୋଇଯାଏ । ଜୀବ କୌଣସି ପଦାର୍ଥର କାର୍ଯ୍ୟ ନୁହେଁ, ଯିଏ ନିଜ କାରଣରେ ଲୟ ହୋଇଯିବ । ଜୀବ କୂଟସ୍ଥ ପଦାର୍ଥ ଅଟେ । ଯେତେବେଳେ ଅବିଦ୍ୟା-ସଂସ୍କାରର ନିବୃତ୍ତି ହୋଇଯାଏ, ସେତେବେଳେ ସେ ଆତ୍ମା ପ୍ରକୃତି ବନ୍ଧନରୁ ମୁକ୍ତ ହୋଇ ଶୁଦ୍ଧ ପରମାନନ୍ଦର ଆସ୍ୱାଦନ କରିଥାଏ । ଆତ୍ମା ଭିତରେ ଅହଂ ବ୍ରହ୍ମାସ୍ମି'ର ଭାବ ପତନର କାରଣ ଅଟେ ଏବଂ ଏହି ଶରୀରକୁ କୈବଲ୍ୟ ଶରୀର କୁହାଯାଏ । କୈବଲ୍ୟ ଶରୀର ତ୍ୟାଗ କରିବା ପରେ ହିଁ ଜୀବନ ପ୍ରକୃତି ବନ୍ଧନରୁ ମୁକ୍ତ ହୋଇଥାଏ । ଅଭିମାନ ଜୀବର ପତନର କାରଣ ଅଟେ । ଯେତେବେଳେ ମୁଁ ବ୍ରହ୍ମ ଅଟେଁ', ଏହି ଅଭିମାନ ଜୀବ ଠାରୁ ଛାଡ଼ିଯାଏ, ସେତେବେଳେ ଆତ୍ମାରେ ପ୍ରଭୁଙ୍କର ପ୍ରେମ-ପ୍ରବାହ ପ୍ରବହମାନ ହୁଏ । ଜୀବର ନିତ୍ୟ ସ୍ୱାମୀ-ସେବକ-ସମ୍ବନ୍ଧର ଭାବ ଜାଗ୍ରତ ହୋଇଯାଏ । ଅଭିମାନ ତୁଟିଯିବା ପରେ ଆତ୍ମା ଶୁଦ୍ଧ ରୂପରେ ଆସିଯାଏ ଏବଂ ପ୍ରକୃତି ବନ୍ଧନର ନିବୃତ୍ତି ହେବା ଫଳରେ ଆତ୍ମାର ପରଂବ୍ରହ୍ମ ଆଡ଼କୁ ଚେତନ ଉର୍ଦ୍ଧ୍ୱ ପ୍ରବାହ ହେବାରେ ଲାଗେ । ଅହଂ ବ୍ରହ୍ମାସ୍ମି' ର ଅଭିମାନ ହେବା ଫଳରେ ଅଜ୍ଞାନତା ହେତୁ ଜୀବର ଜଡ଼, ନିମ୍ନ-ପ୍ରବାହ ହେବାରେ ଲାଗେ ଏବଂ ଅହଂ ବ୍ରହ୍ମାସ୍ମି' ରୂପୀ ଅବିଦ୍ୟା ନାଶ ହୋଇଯିବା ଦ୍ୱାରା ଚେତନ ଉର୍ଦ୍ଧ୍ୱ ପ୍ରବାହ ହେବାରେ ଲାଗେ । ଚୈତନ୍ୟ ଉର୍ଦ୍ଧ୍ୱ ପ୍ରବାହ ହେବା ଯୋଗୁଁ କୈବଲ୍ୟ ଶରୀରର ଅଭାବ ହୋଇଯାଏ । କୈବଲ୍ୟ ଶରୀରରେ ଜୀବକୁ ବ୍ରହ୍ମାସ୍ମିର ଅହଂ ହୋଇଥାଏ । ସେଥିପାଇଁ ଏହି ଦୋହାରେ ଜୀବର ପତନର କାରଣ କୈବଲ୍ୟ ଶରୀର ବୋଲି ଅଭିହିତ କରାଯାଇଛି ଅର୍ଥାତ୍ ଅହଂ ବ୍ରହ୍ମାସ୍ମି'ର ଭାବ ଯୋଗୁଁ ହିଁ ଜୀବ ମୁକ୍ତିରୁ ପତିତ ହୋଇଥାଏ । ସ୍ୱାମୀ-ସେବକ ଭାବ ପୂର୍ବକ ଭଜନ ଦ୍ୱାରା ପ୍ରଭୁପ୍ରାପ୍ତି ହୋଇଥାଏ ଏବଂ ପ୍ରଭୁପ୍ରାପ୍ତିରୁ ଜୀବନ୍ମୁକ୍ତି ଏବଂ ପରମାନନ୍ଦର ଉପଲବ୍ଧି ହୋଇଥାଏ । ଯୋଗର ଉଚ୍ଚଭୂମିକୁ ପହଞ୍ଚିବା ପରେ ପ୍ରକୃତି ସମ୍ବନ୍ଧ, ଅବିଦ୍ୟା ଆଦି ଦୂର ହୋଇଯାଏ ଏବଂ ସେମାନଙ୍କର ଅବର୍ତ୍ତମାନରେ ଆତ୍ମାର ଚେତନ ଉର୍ଦ୍ଧ୍ୱଗତି ହେବାରେ ଲାଗେ । ସେଥିପାଇଁ ଜୀବର ଭ୍ରମଯୁକ୍ତ । ଅହଂ ବ୍ରହ୍ମାସ୍ମି' ଅଭିମାନକୁ ଯୋଗାଭ୍ୟାସ ଦ୍ୱାରା କ୍ଷୟ କରି ଯୋଗୀ ନିଜ ପରମ ପଦ, ପରମାନନ୍ଦ ମୋକ୍ଷ ପ୍ରାପ୍ତକରି କୃତକୃତ୍ୟ ହୋଇଯାଏ । ପରବର୍ତ୍ତୀ ଦୋହାରେ ଆତ୍ମାର ଶୁଦ୍ଧ ଶରୀର ବିଷୟରେ ବର୍ଣ୍ଣନା କରାଯାଇଛି ।

**ଚେତନ ଶୁଦ୍ଧ ସ୍ୱରୂପ ସେ, ସ୍ୱର**
**ନିଧି ଗୋତା ହୋୟ ।**
**ତନ୍ମୟ ଭୟ ଜଲମୀନ ଇୱ, ହଁସ**
**ଦେହ ହୈ ସୋୟ ॥୦୬॥**

ଭାଷ୍ୟ - ଯେତେବେଳେ ଯୋଗାଭ୍ୟାସ ଦ୍ୱାରା କୈବଲ୍ୟ ଶରୀରର ଅଭାବ ହୋଇଯାଏ, ସେତେବେଳେ ଆତ୍ମା ପ୍ରକୃତି ସହ ସମ୍ବନ୍ଧ ହେବା କାରଣରୁ, ଅବିଦ୍ୟାରୁ ନିବୃତ୍ତ ହୋଇ ନିଜ ଶୁଦ୍ଧ ଚେତନ ସ୍ୱରୂପରେ ପରମ ଅକ୍ଷର ସାରଶବ୍ଦରୂପୀ ମହାସାଗରରେ ପ୍ରବେଶ କରିଥାଏ । ଯେତେବେଳେ ଆତ୍ମାରୁ ଅବିଦ୍ୟା ଗ୍ରନ୍ଥି ଛାଡ଼ିଯାଏ, ସେତେବେଳେ ତାହା ପ୍ରକୃତି ବନ୍ଧନରୁ ମୁକ୍ତ ହୋଇ ନିଜ ଚେତନ ସ୍ୱରୂପରେ ପରମ ଅକ୍ଷର, ନିଃଶବ୍ଦ, ପରମପୁରୁଷଙ୍କୁ ପ୍ରାପ୍ତ କରେ । ସେହି ଶବ୍ଦସାଗରରେ ଜଳ ଏବଂ ମୀନ ସଦୃଶ ତାଙ୍କର ସ୍ୱରୂପକୁ ପ୍ରାପ୍ତ ହୋଇ ପରମ ଆନନ୍ଦିତ ହୁଏ । ଏହାକୁ ହଂସ ଦେହ କହନ୍ତି । ଯେମିତି ମୀନ ସମୁଦ୍ରକୁ ପ୍ରାପ୍ତ କରି ସେଥିରେ ଲୀନ ହୋଇ ଆନନ୍ଦ ଲାଭ କରେ । ସେହି ପ୍ରକାର ବିଶୁଦ୍ଧ ଆତ୍ମା ପରଂବ୍ରହ୍ମ, ପରମାନନ୍ଦଙ୍କୁ ପ୍ରାପ୍ତ କରି କୃତକୃତ୍ୟ ହୋଇଯାଏ । ସମାଧିରେ ଜୀବ ଲୌହ ଅଗ୍ନିବତ୍ ପରଂବ୍ରହ୍ମଙ୍କ ସ୍ୱରୂପକୁ ପ୍ରାପ୍ତ କରି ଶୁଦ୍ଧ ହଂସ ଅବସ୍ଥାକୁ ପ୍ରାପ୍ତ କରିଥାଏ । ଏହା ଆତ୍ମାର ଶୁଦ୍ଧ ସ୍ୱରୂପ ଅଟେ ଏବଂ ବିଜ୍ଞାନର ଶୀର୍ଷ ଶିଖା ଅଟେ । ସ୍ଥୂଳ, ସୂକ୍ଷ୍ମ, କାରଣ, ମହାକାରଣ, କୈବଲ୍ୟ ଏବଂ ହଂସ - ଶରୀରର ଏହି ଛଅଟି ଅବସ୍ଥା ଏବଂ ଆତ୍ମାର ଉତ୍ତରୋତ୍ତର ବିକାଶର ସ୍ୱରୂପ ବର୍ଣ୍ଣନା ଏହି ଦୋହାରେ କରାଯାଇଛି ।

**ୱୀତରାଗ ଅପରୋକ୍ଷ ନହିଁ, ଅନ୍ୟ**
**ନ କର ଉପଦେଶ ।**
**ୟୋଗ୍ୟ ନ ସଦ୍‌ଗୁରୁ ପଦ ଲିୟେ,**
**ଅନ୍ଧ ପ୍ରଥା ଭ୍ରମ ଭେଶ ॥୦୭॥**

ଭାଷ୍ୟ - ବିଷୟ ଭୋଗର ଇଚ୍ଛାକୁ ରାଗ କହନ୍ତି । ଯେତେବେଳେ ଆତ୍ମା ଠାରୁ ପ୍ରକୃତି ଭୋଗର ଇଚ୍ଛା ନିତାନ୍ତ ଦୂର ହୋଇଯାଏ, ସେତେବେଳେ ଆତ୍ମା ଯୋଗାଗ୍ନିରେ ପ୍ରଦୀପ୍ତ ଏବଂ ଶୁଦ୍ଧ ହୋଇ ପରଂବ୍ରହ୍ମଙ୍କ ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିଥାଏ । ସେଥିପାଇଁ ବ୍ରହ୍ମବିଦ୍ୟାର ଆଚାର୍ଯ୍ୟ ସଦ୍‌ଗୁରୁ ପ୍ରକୃତି ମୋହ ବନ୍ଧନରୁ ମୁକ୍ତ ହୋଇ ପରଂବ୍ରହ୍ମଙ୍କ ଯୋଗସମାଧିରେ ଅନୁଭବ ସାକ୍ଷାତ୍‌କାର କରି ହିଁ ସଂସାରକୁ ବ୍ରହ୍ମବିଦ୍ୟା-ଅନୁଭବ-ତତ୍ତ୍ୱଜ୍ଞାନର ଉପଦେଶ ଦେଇଥାନ୍ତି । କ୍ରୋଧଶୂନ୍ୟ ହୋଇ ଅନୁଭବ ସାକ୍ଷାତ୍‌କାର କଲା ପରେ ହିଁ ଅନ୍ୟକୁ ଉପଦେଶ ଦେଇହୁଏ । ସଦ୍‌ଗୁରୁ ପଦକୁ ପ୍ରାପ୍ତ ହେବା ପରେ ହିଁ ବ୍ରହ୍ମବିଦ୍ୟାର ଆଚାର୍ଯ୍ୟ ଅଧିକାରୀ ଜୀଜ୍ଞାସୁମାନଙ୍କୁ ଆଧ୍ୟାତ୍ମ ତତ୍ତ୍ୱଜ୍ଞାନର ଉପଦେଶ ଦେଇଥାନ୍ତି । ସଦ୍‌ଗୁରୁ ପଦ ପ୍ରାପ୍ତି ବିନା, ଅଧିକାରୀବିହୀନ ଉପଦେଷ୍ଟା ହେବା ଦ୍ୱାରା ସଂସାରରେ ଅନେକ କଳ୍ପିତ ସମ୍ପ୍ରଦାୟର ରଚନା ହୋଇଥାଏ । ଭ୍ରମ ତଥା ଅନ୍ଧକାରରେ ଯାହାର ଜ୍ଞାନ ଢାଙ୍କି ହୋଇଥିବ ଏବଂ ଅପରୋକ୍ଷବୋଧ ନ ଥିବ ଏମିତି ଅନାଧିକାରୀ ବ୍ୟକ୍ତି ଅନ୍ୟକୁ ଉପଦେଶ ଦେବା ଉଚିତ ନୁହେଁ । ଶ୍ରୁତଜ୍ଞାନ ପ୍ରବାହୀ ବ୍ରହ୍ମନିଷ୍ଠ ଆଚାର୍ଯ୍ୟ ହିଁ ସଦ୍‌ଗୁରୁ ହୋଇଥାନ୍ତି ଏବଂ ସଦ୍‌ଗୁରୁ ହିଁ ସଦ୍‌ଗୁରୁ ସୃଷ୍ଟି କରିଥାନ୍ତି । ଯେଉଁ ପବିତ୍ର ଆତ୍ମାରେ ସଦ୍‌ଗୁରୁଙ୍କର ଜ୍ଞାନ ପ୍ରତିଭା ପ୍ରକଟିତ ହୋଇ ଦିବ୍ୟ ଚେତନ ଧାରା ପ୍ରବାହିତ ହୁଏ ସେ ସଦ୍‌ଗୁରୁଙ୍କ ନିର୍ମିତ ଆତ୍ମସମର୍ପିତ ଭକ୍ତ ସଦ୍‌ଗୁରୁ ପଦ ପାଇଁ ଯୋଗ୍ୟ ଅଟନ୍ତି । ନିଜ ମନକୁ ମନ କେହି ସଦ୍‌ଗୁରୁ ପଦକୁ ପ୍ରାପ୍ତ କରିପାରେ ନାହିଁ । ସଦ୍‌ଗୁରୁଙ୍କର ଜ୍ଞାନଧାରା ଉପରୁ ଆସିଥାଏ ଏବଂ ସେହି ଜ୍ଞାନଧାରା ଯେଉଁ ଆତ୍ମା ଭିତରେ ପ୍ରକଟିତ ହୋଇ ପ୍ରବାହିତ ହୁଏ, ସେହି ମହାପୁରୁଷ ସଦ୍‌ଗୁରୁ ପଦରେ ସୁଶୋଭିତ ହୋଇଥାନ୍ତି । ଅନୁଭବ ସାକ୍ଷାତକାର ଏବଂ କ୍ରୋଧଶୂନ୍ୟ ହେଲେ ହିଁ ସଦ୍‌ଗୁରୁଙ୍କ ପଦ ପ୍ରାପ୍ତ ହୋଇଥାଏ । ବେଦ ବେଦାଙ୍ଗ ଏବଂ ଶାସ୍ତ୍ର ପଠନ କରି କେହି ସଦ୍‌ଗୁରୁ ହୋଇ ପାରେ ନାହିଁ । ବରଂ ଯେଉଁ ଆତ୍ମାରେ ଅନୁଭବ ଚେତନ ଦୃଷ୍ଟି ସଦ୍‌ଗୁରୁଙ୍କ କୃପାରୁ ପ୍ରାପ୍ତ ହୋଇଥାଏ, ସେହି ଶ୍ରୋତ୍ରିୟ ବ୍ରହ୍ମନିଷ୍ଠ ସତ୍‌ପୁରୁଷ ସଦ୍‌ଗୁରୁ ପଦର ଅଧିକାରୀ ଏବଂ ବ୍ରହ୍ମବିଦ୍ୟା ଆଚାର୍ଯ୍ୟ ସଦ୍‌ଗୁରୁ ହୋଇଥାନ୍ତି । ଜ୍ଞାନ ଦୃଷ୍ଟି ଫିଟିଗଲା ପରେ ହିଁ ବ୍ରହ୍ମପ୍ରଭା ପ୍ରକଟ ହୋଇଥାଏ ଏବଂ ତାହାର ପ୍ରଭାବରେ ବାହ୍ୟ ଏବଂ ଆଭ୍ୟନ୍ତର ସମସ୍ତ ତତ୍ତ୍ୱର ବୋଧ ହୋଇଥାଏ । ପୁସ୍ତକ ପଠନ କରି ଏବଂ ବାଚକ ଜ୍ଞାନ ବଳରେ ସଦ୍‌ଗୁରୁ ପଦ ପ୍ରାପ୍ତ ହୁଏନାହିଁ । କୌଣସି ବସ୍ତୁର ଯଥାର୍ଥ ତତ୍ତ୍ୱଜ୍ଞାନ ଅନୁଭବ ହେବା ଫଳରେ ହିଁ ସେହି ବିଦ୍ୟାର କେହି ବକ୍ତା କିମ୍ବା ଉପଦେଷ୍ଟା ହୋଇପାରେ । କେବଳ ବାଚକ ଜ୍ଞାନୀ, ବିଦ୍ୱାନକୁ ଋଷି, ଆଚାର୍ଯ୍ୟ ଅଥବା ଗୁରୁ ମାନିବା ସଂସାରରେ ଅନ୍ଧକାର ପ୍ରସାରିତ କରିବା ସଦୃଶ ହୋଇଥାଏ । ଅନୁଭବ ତତ୍ତ୍ୱବୋଧ ନ ହେବା ଫଳରେ ହିଁ ବୈଦିକ ବିଜ୍ଞାନର ଦ୍ୱାହି ଦେଇ ଅନେକ ପନ୍ଥ ଏବଂ ସମ୍ପ୍ରଦାୟ ସୃଷ୍ଟି ହୋଇଛି । ସେଥିପାଇଁ ଏହି ପଦରେ ସଦ୍‌ଗୁରୁଙ୍କର ପଦ ପ୍ରାପ୍ତ ହେବା ପରେ ହିଁ ବ୍ରହ୍ମବିଦ୍ୟାର ଉପଦେଶ କରିବା ପାଇଁ କୁହାଯାଇଛି । ମନ ମୁତାବକ କେହି ସଦ୍‌ଗୁରୁ ହୋଇ ନ ଥାନ୍ତି, ବରଂ ଗୁରୁମୁଖୀ, ଆପ୍ତ, ଅନୁଭବଦର୍ଶୀ, ମହାନ୍ ତତ୍ତ୍ୱବେତ୍ତା ଏବଂ ବୀତରାଗୀ ପୁରୁଷ ହିଁ ସଦ୍‌ଗୁରୁ ପଦ ପ୍ରାପ୍ତ ହୋଇଥାନ୍ତି । ସେଥିପାଇଁ ବେଦ ବେଦାଙ୍ଗ ଏବଂ ଶାସ୍ତ୍ର ଜ୍ଞାନରେ ଭୂଷିତ ହୋଇଗଲେ ସୁଦ୍ଧା ବ୍ରହ୍ମବିଦ୍ୟା ବୋଧ ଏବଂ ଅନୁଭବ ବିଜ୍ଞାନ ପ୍ରାପ୍ତି ନିମନ୍ତେ ଅଧିକାରୀ ହୋଇ ସଦ୍‌ଗୁରୁଙ୍କର ଶରଣରେ ଯିବା ଉଚିତ । ପରୋକ୍ଷ ଜ୍ଞାନ ପରେ ଅପରୋକ୍ଷ ବିଜ୍ଞାନ ହେବା ଉଚିତ । ଏହା କାରଣରୁ ସମସ୍ତ ବେଦବିଦ୍ୟାକୁ ପଠନ କରିବା ପରେ ମଧ୍ୟ ବାଚକ ଜ୍ଞାନୀ ବ୍ରହ୍ମବିଦ୍ୟାର ବାସ୍ତବିକ ବୋଧରୁ ବଞ୍ଚିତ ରହିଥାନ୍ତି ଏବଂ ବୈଦିକ ବିଦ୍ୟା ମାତ୍ର ବାଚକ ଜ୍ଞାନ ହୋଇ ରହିଯାଏ ଏବଂ ବୈଦିକ ରହସ୍ୟ ଲୋପ ହୋଇଯାଏ । ବେଦରେ ପିତୃବିଦ୍ୟା, ଭୂତବିଦ୍ୟା ଏବଂ ଦୈବବିଦ୍ୟା ଅଛି । ମାତ୍ର ଏହି ବିଦ୍ୟାଗୁଡ଼ିକୁ ଜାଣିଥିବା ଜ୍ଞାନୀମାନଙ୍କର ଘୋର ଅଭାବ ରହିଛି । କେତେ ବୈଦିକ ବିଦ୍ୱାନ ପିତୃବିଦ୍ୟାର ବ୍ୟାଖ୍ୟା କରୁଥିବା ନିପୁତ୍ରିକ ଏବଂ ସନ୍ତାନହୀନ ଦେଖା ଯାଆନ୍ତି । କାରଣ ଏଇୟା ଯେ ସେମାନଙ୍କୁ ପିତୃବିଦ୍ୟାର କେବଳ ବାଚକ ଜ୍ଞାନ ଅଛି । ସେମାନଙ୍କୁ ଏହାର ଅନୁଭବ-ବିବେକ ନାହିଁ । ଏହି ଦଶା ଅପରାବିଦ୍ୟା ଜାଣିଥିବା ବିଦ୍ୱାନମାନଙ୍କର ଅଟେ । ସେମାନେ ବାହ୍ୟ ଜ୍ଞାନକୁ ହିଁ ପ୍ରାପ୍ତ କରି ଆତ୍ମାକୁ କୃତକୃତ୍ୟ କରୁଛନ୍ତି ଏବଂ ନିଜ ଭିତରେ ଶ୍ରେଷ୍ଠତ୍ୱର ବିବେକ ରଖୁଛନ୍ତି, ସେଥିପାଇଁ ଆଧ୍ୟାତ୍ମ ଜିଜ୍ଞାସୁ ଅଧିକାରୀଗଣଙ୍କୁ ଏହା ଆବଶ୍ୟକ ଯେ ସମସ୍ତ ଅଭିମାନ ଏବଂ କୁତର୍କଣାକୁ ତ୍ୟାଗକରି ନିଜ ଆଧ୍ୟାତ୍ମିକ କଲ୍ୟାଣ ପ୍ରାପ୍ତି ନିମନ୍ତେ ବ୍ରହ୍ମନିଷ୍ଠ ସଦ୍‌ଗୁରୁଙ୍କର ଶରଣକୁ ପ୍ରାପ୍ତ କରନ୍ତୁ ।

## ଗହମ ଗଜାର ଉପକାରିତା

**ସ୍ୱାସ୍ଥ୍ୟବର୍ଦ୍ଧକ** ଗୁଣରେ ଭରପୂର ଗହମ ଗଜା । ପ୍ରାଚୀନ କାଳରେ ଏହାକୁ ଆର୍ଥରାଇଟ୍ସ, କ୍ୟାନସର, ଚର୍ମରୋଗ, ମେଦବହୁଳତା, ମଧୁମେହ ଆଦିର ଉପଚାର ନିମନ୍ତେ ପ୍ରୟୋଗ କରାଯାଉଥିଲା । ଏବେ ଥାଇରଏଡ୍ ପାଇଁ ମଧ ଗହମ ଗଜା ପାଲଟିଛି ରାମବାଣ । ଦିନକୁ ଦିନ ମହିଳାଙ୍କଠାରେ ବୃଦ୍ଧି ପାଉଥିବା ଥାଇରଏଡ୍ ସମସ୍ୟାକୁ ଏହା ଅଚିରେ ନାଶ କରିପାରିବ ।



ଗହମ ଗଜାରେ ଭିଟାମିନ୍ ୧୯ ଆମିନୋ ଏସିଡ୍ ଏବଂ ୯୨ ମିନରାଲ୍ସ ସହ ପୋଷକ ତତ୍ତ୍ୱ ମହଜୁଦ୍ ରହିଛି । ଏହା ଶରୀରକୁ କାର୍ଯ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ଗହମ ଗଜାରେ ପ୍ରସ୍ତୁତ ଗୁଣ୍ଡକୁ ପାଣିରେ ମିଶାଇ ପିଇଲେ ବେଶ୍ ଲାଭ ମିଳିଥାଏ । ଚାହିଁଲେ ଏହି ଗୁଣ୍ଡକୁ କୌଣସି ଜୁସ୍ ଅବା ହାଲ୍କା ପେୟ ପଦାର୍ଥରେ ମିଶାଇ ପାରିବେ । ସ୍ୱାସ୍ଥ୍ୟବର୍ଦ୍ଧକ ଗୁଣରେ ଏହା ଭରପୁର୍ । ଚିକିତ୍ସା ବିଜ୍ଞାନରେ ମଧ ଏହାର ବହୁଳ ଉପଯୋଗ ହୋଇଥାଏ ।

ଥାଇରଏଡ୍‌ରୁ ମୁକ୍ତି ପାଇଁ: ଜଞ୍ଜାଳପୂର୍ଣ୍ଣ ଜୀବନରେ ଆଜି ମଣିଷ ନିଜ ଖାଦ୍ୟପେୟ ଉପରେ ଆଦୌ ନଜର ରଖିପାରୁନି । ସଠିକ୍ ଡାଏଟ୍ ପ୍ଲାନ୍ କରିବା ସତ୍ତ୍ୱେ ବି କୌଣସି ନା କୌଣସି କାରଣରୁ ଏହା ଭୁଲ୍ ହୋଇଯାଇଥାଏ । ଫଳରେ ଥାଇରଏଡ୍ ଭଳି ସମସ୍ୟା ସୃଷ୍ଟି ହୁଏ । ଏଭଳି ସମସ୍ୟାରେ ରୋଗୀକୁ ଅନେକ ଯନ୍ତ୍ରଣା ଭୋଗିବାକୁ ପଡେ । କିନ୍ତୁ ଗହମ ଗଜାରେ ପ୍ରସ୍ତୁତ ଜୁସ୍ ସେବନ କରି ଏହି ସମସ୍ୟାରୁ ରକ୍ଷାପାଇ ପାରିବେ । ପ୍ରତିଦିନ ସକାଳୁ ଖାଲି ପେଟରେ ଏହି ଜୁସ୍ ସେବନ କଲେ ଥାଇରଏଡରୁ ଆରୋଗ୍ୟ ମିଳିପାରିବ ।

ପାଚନକ୍ରିୟାରେ ସହାୟକ: ଗହମ ଗଜାରୁ ପ୍ରସ୍ତୁତ ପାଉଡର୍ ପାଚନକ୍ରିୟାକୁ ସନ୍ତୁଳିତ ରଖିଥାଏ । ଏଥିରେ ମହଜୁଦ୍ କିଛି କ୍ଷାରୀୟ ମିନରାଲ୍ସ ଅଲସର୍, କୋଷ୍ଠକାଠିନ୍ୟ ଏବଂ ପେଟ ଯନ୍ତ୍ରଣାରୁ ଆରାମ ପ୍ରଦାନ କରିଥାଏ । ଏହାଛଡ଼ା ରକ୍ତରେ ଅମ୍ଳ ସ୍ତର କମ୍ କରିବାରେ ମଧ ଏହା ସହାୟତା କରିଥାଏ ।

ଓଜନହ୍ରାସ: ଯେହେତୁ ଏହି ଗୁଣ୍ଡକୁ ଜୁସ୍ କିମ୍ବା ତରଳ ପେୟ ପଦାର୍ଥରେ ମିଶାଇ ପିଇବା ସମ୍ଭବ, ତେଣୁ ଏହା ଶରୀରରେ ଜଳୀୟ ଅଂଶ ସ୍ତରକୁ ଠିକ୍ ରଖିଥାଏ । ଫଳରେ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ ହୁଏନାହିଁ । ଆହୁରି ଏଥିରେ ସହଜରେ ଓଜନହ୍ରାସ ହୋଇଥାଏ । କେବଳ ସେତିକି ନୁହେଁ, ଏହି ଗୁଣ୍ଡ ଥାଇରଏଡ୍ ଗ୍ରନ୍ଥିର ସକ୍ରିୟତା ବଢ଼ାଇ ଓଜନ ହ୍ରାସ କରିଥାଏ ।

ତ୍ୱଚା ପାଇଁ ଲାଭକାରୀ: ଗହମ ଗଜା ଗୁଣ୍ଡ ଏକ ଉତ୍ତମ ତ୍ୱଚାଶୋଧକ ଅଟେ । ଏହା ତ୍ୱଚାରେ ଥିବା କୋଷିକାକୁ ହଟାଇ ଚମକ୍ ପ୍ରଦାନ କରେ । ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଯୋଗୁଁ ବ୍ରଣ ଦାଉରୁ ରକ୍ଷାମିଳେ । ଏହି ଗୁଣ୍ଡକୁ କ୍ଷୀରରେ ମିଶାଇ ମୁହଁରେ ଲଗାଇଲେ କଳା ଦାଗ, ବ୍ରଣ ଏବଂ ଗାତ ସମସ୍ୟାରୁ ଉପଶମ ମିଳିଥାଏ ।

## ମାଠିଆ ପାଣି ପିଇବାର ଲାଭ

**ଗରମଦିନେ** ପ୍ରତ୍ୟେକଙ୍କ ଘରେ ଫ୍ରିଜର ଆଦର ବଢ଼ିଥାଏ, କାରଣ ଥଣ୍ଡା ପାଣି ଗିଲାସେ ସହ ବରଫର ମଜା ମଧ ଏଥିରୁ ମିଳେ । ହେଲେ ଏହା ଯେ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହାନିକାରକ, ତାହା ଲୋକେ ଜାଣିବା ସତ୍ତ୍ୱେ ଅଣଦେଖା କରନ୍ତି । ପ୍ରାଚୀନ ସମୟରେ ଯେତେବେଳେ ଏହି ଜ୍ଞାନକୌଶଳ କ୍ଷମତାସମ୍ପନ୍ନ ଜିନିଷମାନ ନଥିଲା, ସେସମୟରେ ମାଠିଆର ଆଦର ଥିଲା । ଏବେ ମଧ କେତେକବର୍ଗର ଲୋକେ ଏହି ମାଠିଆ ପାଣିର ଉପଯୋଗ କରିଥାନ୍ତି । ତେବେ ସେମାନଙ୍କ ସଂଖ୍ୟା ୪%ରୁ କମ୍ ବୋଲି ସର୍ବେକ୍ଷଣରୁ ପ୍ରକାଶିତ । ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ, ବିଶେଷ କରି ଗ୍ରୀଷ୍ମରେ ମାଠିଆ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ।



ମାଠିଆ ପାଣି ପିଇବା ଦ୍ୱାରା ପାଚନ କ୍ରିୟା ଭଲ ହେବା ସହ ଶରୀରରେ ଟେଷ୍ଟୋଷ୍ଟେରନର ସ୍ତର ବଢ଼ିଥାଏ ।

ମାଠିଆରେ ଥିବା ମାଟି ତତ୍ତ୍ୱ ପାଣି ସହ ମିଶି ରହେ । ଏହା ଦ୍ୱାରା ଶରୀରକୁ ବିଭିନ୍ନ ପୋଷକତତ୍ତ୍ୱ ଯାଇଥାଏ ଓ ଟକ୍ସିନ୍ ବାହାରିଯାଉଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ଗ୍ରାମାଞ୍ଚଳ ଲୋକେ ପ୍ରତ୍ୟହ ମାଠିଆ ପାଣି ପିଇବା କାରଣରୁ ହିଁ ସେମାନଙ୍କ ଶରୀରର ରୋଗପ୍ରତିରୋଧକ ଶକ୍ତି ଖୁବ୍ ଭଲ । ଫ୍ରିଜ୍ ପାଣି ଶରୀର ପାଇଁ କ୍ଷତିକାରକ ହୋଇଥିବା ବେଳେ ମାଠିଆ ପାଣି ଶରୀରର ତାପମାତ୍ରା ଠିକ୍ ରଖେ । ହୃଦରୋଗୀମାନେ ନିୟମିତ ଭାବେ ମାଠିଆ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ।

## ଏନିମିଆରୁ ରକ୍ଷା କରିବ ଜଳଜିରା ପାଣି

**ଗ୍ରୀଷ୍ମ** ଆସିଲେ ପୁଦିନା, ଜଳଜିରା ପାଣିର ଚାହିଦା ବେଶ୍ ବଢ଼ିଯାଏ । ତେବେ ଏକ ଗବେଷଣାରୁ ଜଣାପଡିଛି ଜଳଜିରା ପାଣି କେବଳ ତୃଷ୍ଣା ମେଣ୍ଟାଇବା ପାଇଁ ସେବନ କରାଯାଏ ନାହିଁ, ବରଂ ଏହାଦ୍ୱାରା ଏନିମିଆ ରୋଗର ଆଶଙ୍କା ମଧ ହ୍ରାସ ପାଇଥାଏ । ଜଳଜିରାରେ ଅଧିକ ଲୌହ ପଦାର୍ଥ ରହିଛି । ଏହାକୁ ପ୍ରତିଦିନ ସେବନ କଲେ ରକ୍ତ ଅଭାବ ଦୂର ହୋଇଥାଏ । ଏହାଛଡ଼ା ଓଜନ ମଧ ହ୍ରାସ ପାଇଥାଏ । ଜଳଜିରାରେ କ୍ୟାଲୋରୀ ନ ଥାଏ । ଏହା ଶରୀରରୁ ଟକ୍ସିକ୍ ପଦାର୍ଥ ବାହାର କରି ଦେଇଥାଏ । ଗ୍ୟାଷ୍ଟ୍ରିକ୍, ବଦହଜମୀ ଭଳି ସମସ୍ୟାରୁ ମଧ ଏହା ରକ୍ଷା କରିଥାଏ । ପ୍ରତିଦିନ ସକାଳୁ ଖାଲିପେଟରେ ଏହି ପାଣି ପିଇବା ଦ୍ୱାରା ଶରୀରକୁ ଅନେକ ରୋଗ ଦୂର ହୋଇଥାଏ ।



## ଆପଣ ଜାଣନ୍ତି କି ?

- 'ଇବିସ୍‌ବିଲ୍' ଏକ ଲମ୍ବା ଗୋଡିଆ ପାଣିଚିଲ ଜଳପକ୍ଷୀ ଅଟେ ।
- ଏହା ମୁହଁଟିର ରଙ୍ଗ କଳା, ଶରୀର ଧଳା, ଧୂସର ରଙ୍ଗ ମିଶ୍ରିତ ଓ ଗୋଡ଼ଟି ଲାଲ୍ ରଙ୍ଗର ହେବା ସହ ଥଣ୍ଟଟି ଗୋଜିଆ ଏବଂ ଲମ୍ବା ହୋଇଥାଏ । ବେକରେ ମଧ ପଟି ସଦୃଶ କଳା ରଙ୍ଗର ମୋଟା ଗାର ଥିବାର ଦେଖାଯାଏ ।
- ଏମାନେ ମୁଖ୍ୟତଃ ଏସିଆର ସମୁଦ୍ର ଉପକୂଳ ଅଞ୍ଚଳ ଓ ହିମଅଞ୍ଚଳରେ ଦେଖାଯାନ୍ତି ।
- ଏହି ପକ୍ଷୀଟିର ଦେହର ଲମ୍ବ ୧୫.୧୬ ଇଞ୍ଚ୍ ଓ ଉଚ୍ଚତା ୩୮-୪୧ ସେ.ମି. ବିଶିଷ୍ଟ ହୋଇଥାଏ ।
- ଇବିସ୍‌ବିଲ୍ ଥଣ୍ଟର ଲମ୍ବ ୨.୭- ୩.୨ ଇଞ୍ଚ୍ ଓ ଓସାର ୬.୮-୮.୨ ସେ.ମି. ବିଶିଷ୍ଟ ।
- ଏହି ପକ୍ଷୀର ପଞ୍ଝାରେ ମାତ୍ର ତିନିଟି ଆଙ୍ଗୁଳି ଥାଏ ।
- ଏହି ପକ୍ଷୀଟିର ହାରାହାରି ଓଜନ ୨୭୦ ଗ୍ରାମ୍‌ରୁ ୩୨୦ ଗ୍ରାମ୍ । ମାଈ ପକ୍ଷୀର ଓଜନ ଅଣ୍ଡିରା ପକ୍ଷୀର ଓଜନଠାରୁ ଅଧିକ ଥାଏ ।
- ମାଈ ଓ ଅଣ୍ଡିରା ପକ୍ଷୀ ମଧ୍ୟରେ ପ୍ରଭେଦ ସହଜରେ ଜାଣିହୁଏ ନାହିଁ ।
- ଶାବକଙ୍କ ମୁହଁରେ କଳା ଦାଗ ଓ ବେକରେ ପଟି ସଦୃଶ କଳା ରଙ୍ଗର ମୋଟା ଗାର ନ ଥାଏ ।
- ଏହି ପକ୍ଷୀଟି ପାଣିରେ ମଧ ଦ୍ରୁତ ଗତିରେ ପହଁରିପାରେ ।
- ଶୀତଦିନରେ ଏସିଆର ସମୁଦ୍ର କୂଳରେ ଏହି ପକ୍ଷୀ ବେଶୀ ଦେଖାଯାନ୍ତି ।
- ସେମାନେ ଦଳଗତ ଭାବେ ବିଚରଣ କରନ୍ତି । ଗୋଟିଏ ଦଳରେ ୨୫ ରୁ ଅଧିକ ପକ୍ଷୀ ଥାଆନ୍ତି ।
- ଏପ୍ରିଲ ଓ ମେ ମାସରେ ଏମାନେ ଅଣ୍ଡା ଦିଅନ୍ତି । ଥରକରେ ୨-୪ ଟି ଅଣ୍ଡା ଦେଇଥାନ୍ତି ।

## କହିପାରିବେ କି ?

(୧) ୨୦୨୦ ବର୍ଷ ପାଇଁ କେତେଜଣଙ୍କୁ 'ପଦ୍ମ ବିଭୂଷଣ'ରେ ସମ୍ମାନିତ କରାଯାଇଛି ?
(୨) ସର୍ବୋଚ୍ଚ ନ୍ୟାୟାଳୟରେ ପ୍ରଥମ ମହିଳା ନ୍ୟାୟାଧୀଶ କିଏ ଥିଲେ ?
(୩) ଭାରତରେ ରାଷ୍ଟ୍ରୀୟ ଧ୍ୱଜା ନିୟମ କେବେଠାରୁ ଲାଗୁ କରାଗଲା ?
(୪) ବିଶ୍ୱର ସବୁଠୁ ଉଚ୍ଚତମ ରେଲୱେ ବ୍ରିଜ୍ କେଉଁଠାରେ ନିର୍ମାଣ କରାଯାଉଛି ?
(୫) କେଉଁ ଦେଶ ବାଲିଷ୍ଟିକ୍ ମିସାଇଲ୍ ସାହିନ୍ ୧ ଏର ସଫଳ ପରୀକ୍ଷା କରିଛି ?
(୬) ରାମ କେତେ ବର୍ଷ ବୟସରେ ବନବାସ ଯାଇଥିଲେ ?
(୭) 'ଇକୋଲୋଜି' ଶବ୍ଦ କେଉଁ ଭାଷାରୁ ନିଆଯାଇଛି ?
(୮) ସମ୍ବିଧାନ ସଭାର ଶେଷ ବୈଠକ କେବେ ହୋଇଥିଲା ?
(୯) "The Zigzag Way' ପୁସ୍ତକର ଲେଖକ କିଏ ?
(୧୦) ମାନବ ଶରୀରରେ କେତେ ପ୍ରତିଶତ ଜଳଥାଏ ?

### JUMBLE WORDS

| | | | |
|---|---|---|---|
| 1) VOEMI | = | 6) LOICC | = |
| 2) IMLTI | = | 7) SINWUE | = |
| 3) MEDATN | = | 8) CATEPK | = |
| 4) TAULNW | = | 9) CCMIO | = |
| 5) HMUTP | = | 10) NHKUC | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.କଥକ, ୨.ଆଇନ୍ ବର୍ଡର୍, ୩.ପୋର୍ଟବ୍ଲେୟାର, ଆଣ୍ଡାମାନ, ୪.ହେଙ୍ଗୁ, ୫. ୧୯୪୪, ୬. ରୋମ୍, ୭.ଅଜ, ୮.ଦାସତ୍ୱ ପ୍ରଥା, ୯.ଆନ୍ଥ୍ରାସାଇଟ୍, ୧୦.କପର, ଜିଙ୍କ୍ ଓ ନିକେଲ ।

***Jumble Words*** ର ଉତ୍ତର :-

(1) VORTEX (2) AUTUMN (3) GOING (4) FOGGY (5) GRUBBY (6) FUTURE (7) OLDER (8) KNOCK (9) FOSSIL (10) ACCENT

## ଭକ୍ତ ଶିରୋମଣି... (ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

ଶବରୀଙ୍କ ଭିତରେ ସେବାର ଭାବନା ପ୍ରବଳ ଥିଲା । ତାଙ୍କ ମଧ୍ୟରେ ଶ୍ରମଶୀଳତା ମଧ୍ୟ ଥିଲା । ସେ ଲୁଚି ଲୁଚି ସେବା କରି ଚାଲିଥିଲେ । ଏହାର ପ୍ରତୀକାତ୍ମକ ଅର୍ଥ ହେଲା ସାଧକଙ୍କୁ, ଭକ୍ତଙ୍କୁ ସେବା, ଶ୍ରେୟ ପାଇବାର ଆଶାରେ ନୁହେଁ, ବରଂ ସ୍ୱଭାବତଃ କରିବା ଉଚିତ । ସେବାରେ କୌଣସି ଦେଖାଇ ହେବା, ପ୍ରଦର୍ଶନ, ମାନ ସମ୍ମାନ ପାଇବାର ଭାବନା ରଖିବା ଅନୁଚିତ ।

ଏହା ସହିତ ଆମ ପାଇଁ ଆଉ ଗୋଟିଏ ପ୍ରେରଣା ହେଲା ଆମେ ଯେଉଁଠି ବି ରହିବା, ସେଇଠି ସଫାସୁତୁରା, ସ୍ୱଚ୍ଛତା ପବିତ୍ରତାର ବାତାବରଣ କାଏମ ରଖିବା, ସେବାରେ ଅହଂକାରର ଭାବନା ରହିବା ଅନୁଚିତ । ନିଜର ଘରେ ଅଥବା ଗୁରୁ ଆଶ୍ରମରେ, ବା ସମାଜରେ ଆମେ ନିଶ୍ଛଳ, ନିଷ୍କପଟ ଭାବରେ ସେବା କରିବା ଉଚିତ, ଯେପରିକି ଶବରୀ କରିଥିଲେ ।

ସେବା ଆମ ପାଇଁ ସୌଭାଗ୍ୟର ଦ୍ୱାର ଖୋଲି ଦେଇଥାଏ । ସେବା କାରଣରୁ ହିଁ ଶବରୀଙ୍କ ଜୀବନରେ ସୌଭାଗ୍ୟର ଦ୍ୱାର ଖୋଲିଲା । ତାଙ୍କର ସେବା ଭକ୍ତି ଦ୍ୱାରା ପ୍ରଭାବିତ ହୋଇ ମତଙ୍ଗ ଋଷି ତାଙ୍କୁ ନିଜର ଶିଷ୍ୟା କଲେ ଏବଂ ସେହି ସେବା ଭକ୍ତି ତାଙ୍କୁ ଭଗବାନଙ୍କ ଦର୍ଶନ କରାଇଲା । ଶବରୀ ଶିଷ୍ୟା ହେବାର ନିଜର ପାତ୍ରତାକୁ ପ୍ରମାଣିତ କଲେ ।

ଶବରୀଙ୍କର ନିଜ ଗୁରୁଙ୍କ ବଚନଗୁଡିକ ଉପରେ ଅଚଳ ବିଶ୍ୱାସ ଥିଲା । ଯଦି ଗୁରୁ କହିଲେ ଭବିଷ୍ୟତରେ ଏପରି ହେବ ତ ତାହା ନିଶ୍ଚିତ ହେବ । ଏଥିରେ ସନ୍ଦେହର କୌଣସି କାରଣ ନାହିଁ । ଯଦି ସେ କହିଲେ ଅବିରାମ ଭକ୍ତି କଲେ ଦିନେ ଭଗବାନ ଆସିବେ ତ ଅବଶ୍ୟ ଆସିବେ । ଆମେ ମଧ୍ୟ ଏପରି ବିଚାର କରିବା ଉଚିତ ଯେ ଯଦି ଆମର ଗୁରୁ କହିଛନ୍ତି ଯୁଗ ପରିବର୍ତ୍ତନ ହେବା ଅବଶ୍ୟମ୍ଭାବୀ, ତେବେ ତାହା ନିଶ୍ଚିତ ହେବ । ଶବରୀ ନିଜର ଗୁରୁଙ୍କ ବଚନଗୁଡିକୁ ଅକ୍ଷରଶଃ ପାଳନ କଲେ ଆଉ ସେହି ବଳରେ ପ୍ରଭୁଙ୍କ ଅସୀମ କୃପା ପାଇ ପାରିଲେ ଏବଂ ପ୍ରଭୁଙ୍କ ଦର୍ଶନ କରି ପାରିଲେ । ଯେଉଁ ମାର୍ଗରେ ପ୍ରଭୁ ଆସିବାର ସମ୍ଭାବନା ଥିଲା, ସେହି ମାର୍ଗକୁ ଶବରୀ ନିଜ ଅଞ୍ଚଳରେ ସଫା କରି ନିଷ୍କଣ୍ଟକ କରିଥିଲେ । ଏହାର ଅର୍ଥ ହେଲା ଆମେ ଅନ୍ୟମାନଙ୍କ ମାର୍ଗକୁ ନିଷ୍କଣ୍ଟକ କରିବା ଉଚିତ, ସେହି ମାର୍ଗରେ କଣ୍ଟା ବିଛାଇବା ଅନୁଚିତ । ଏହା ଦ୍ୱାରା ନିଜର ଜୀବନ ମଧ୍ୟ ନିଷ୍କଣ୍ଟକ ହୋଇଯାଏ । ଏହି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରେରଣା ଆମକୁ ଶବରୀଙ୍କ ଜୀବନରୁ ମିଳିଥାଏ ।

ଶବରୀ ପ୍ରଭୁଙ୍କ ପାଇଁ ମିଠା କୋଳି ରଖୁଥିଲେ । ଏହାର ଅର୍ଥ ହେଲା ଆମର ପ୍ରତ୍ୟେକ କର୍ମ ଏପରି ମଧୁର ହେଉ, ଦିବ୍ୟ ହେଉ, ଯଦ୍ୱାରା ଆମେ ତାକୁ ପ୍ରଭୁଙ୍କୁ ସମର୍ପିତ କରି ପାରିବା । ଅପବିତ୍ର, ଅମଧୁର କର୍ମ, ଅପବିତ୍ର ଚିନ୍ତନ, ଚରିତ୍ର, ବ୍ୟବହାର ପ୍ରଭୁଙ୍କୁ ପ୍ରିୟ ନୁହେଁ । ଏପରି କର୍ମ ପ୍ରଭୁଙ୍କୁ ଅର୍ପଣ କରାଯାଇ ନ ପାରେ ।

ଏହାର ଦ୍ୱିତୀୟ ପକ୍ଷ ହେଉଛି ପ୍ରଭୁ ଭକ୍ତର ପ୍ରେମ ଭାବନା ଦ୍ୱାରା ହିଁ ମୁଗ୍ଧ ହୋଇଥାନ୍ତି । ପ୍ରଭୁଙ୍କୁ ଆମେ ପ୍ରେମ ଭାବନା ଦ୍ୱାରା ନିଜର ଅନ୍ତଃକରଣରେ ପ୍ରକଟ କରି ପାରିବା । ପ୍ରଭୁ ପ୍ରେମର ଭୋକିଲା, ପଦାର୍ଥର ନୁହନ୍ତି । ସେ ଭକ୍ତର ପ୍ରେମ ଭାବନାକୁ ଦେଖିଥାନ୍ତି । ତେଣୁ ପ୍ରଭୁ ଅଇଁଠା କୋଳିକୁ ନୁହେଁ, ବରଂ ଶବରୀଙ୍କ ପ୍ରେମଭାବନାକୁ ଦେଖିଥିଲେ । ତାଙ୍କ ଦ୍ୱାରା ଅର୍ପିତ ସାମଗ୍ରୀକୁ ନୁହେଁ, ପଦାର୍ଥକୁ ନୁହେଁ, ବରଂ



ତାଙ୍କର ନିଶ୍ଛଳ, ନିଷ୍କପଟ ମନକୁ ଦେଖିଥିଲେ । ପ୍ରେମକୁ ଦେଖିଥିଲେ ।

ଶବରୀ ସଦାବେଳେ ଜାଗରୂକ ଥିଲେ ଏବଂ ସେ ପ୍ରତ୍ୟେକ ମୁହୂର୍ତ୍ତରେ ଈଶ୍ୱରଙ୍କ ପ୍ରତି ସଚେତନ ଥିଲେ । ସେ କେବେ ବି ସେହି ଅବସ୍ଥାକୁ ତ୍ୟାଗ କରି ନ ଥିଲେ । ଏହି ପ୍ରକାର ଆମେ ମଧ ସଂସାରରେ ରହି ଯାହା ବି କର୍ତ୍ତବ୍ୟ କର୍ମ କରିବା, ତାହା ସଦାବେଳେ ଈଶ୍ୱରଙ୍କ ପ୍ରତି ସଚେତନ ହୋଇ ହିଁ କରିବା । ଶବରୀଙ୍କୁ ଗୁରୁଙ୍କ ଦ୍ୱାରା ଦିଆଯାଇଥିବା ମନ୍ତ୍ର ଉପରେ ପୂର୍ଣ୍ଣ ବିଶ୍ୱାସ ଥିଲା । ସେ ତାକୁ ନିତ୍ୟ ଶ୍ରଦ୍ଧା ଭାବରେ ଜପ କରୁଥିଲେ । ସେ ଅନ୍ୟ କୌଣସି ମନ୍ତ୍ରର, ଅନ୍ୟ ଗୁରୁଙ୍କ ଅଥବା ଅନ୍ୟ କୌଣସି ରାସ୍ତାର ଅନୁସନ୍ଧାନରେ ବାଟବଣା ହୋଇ ନ ଥିଲେ । ସେ ଜାଣିଥିଲେ ଯେ ତାଙ୍କର ଗୁରୁ ବ୍ରହ୍ମଜ୍ଞାନୀ, ଆମେ ମଧ ନିଜ ଗୁରୁଙ୍କ ପ୍ରତ୍ୟେକ ବାକ୍ୟକୁ ବ୍ରହ୍ମବାକ୍ୟ ବୋଲି ମାନିବା ଉଚିତ । ଆମ ଦ୍ୱାରା ସର୍ବଦା ଗୁରୁଙ୍କ ଆଜ୍ଞା ପାଳନ ହେବା ଉଚିତ । ଗୁରୁଙ୍କ ଆଜ୍ଞାକୁ ସାକ୍ଷାତ୍ ନାରାୟଣ ଆଜ୍ଞା ବୋଲି ବୁଝିବା ଉଚିତ । ଗୁରୁ ଓ ଆରାଧ୍ୟଙ୍କ ପ୍ରତି ଗଭୀର ଶ୍ରଦ୍ଧା ନିଷ୍ଠା ରହିବା ଉଚିତ, କାରଣ ଯେଉଁ ଶ୍ରଦ୍ଧା ପ୍ରତିଦିନ ଏଣ୍ଡୁଅ ପରି ରଙ୍ଗ ବଦଳାଇ ଥାଏ, ସେହି ଶ୍ରଦ୍ଧା କେବେ ଶ୍ରଦ୍ଧା ହୋଇ ନ ପାରେ । ତାହା ଶ୍ରଦ୍ଧା ବା ଶ୍ରଦ୍ଧାଳୁ ହେବାର ଭ୍ରମ ମାତ୍ର, ପ୍ରପଞ୍ଚ ମାତ୍ର । ଏପରି ଶ୍ରଦ୍ଧା, ଅଶ୍ରଦ୍ଧା ଠାରୁ ମଧ ଖରାପ । ଯେଉଁ ଶ୍ରଦ୍ଧା ବିପରୀତରୁ ବିପରୀତ, ପ୍ରତିକୂଳରୁ ପ୍ରତିକୂଳ ଓ କଠିନରୁ କଠିନ ପରିସ୍ଥିତି ଗୁଡିକରେ ଅବିଚଳ ରହେ, ତାହା ସଚ୍ଚା ଶ୍ରଦ୍ଧା ଅଟେ ।

ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଶବରୀଙ୍କ ପରି ପ୍ରତ୍ୟେକ ସଚ୍ଚା ସାଧକ ପୁରା ଶ୍ରଦ୍ଧା ନିଷ୍ଠା ଓ ସଚ୍ଚୋଟତା ପୂର୍ବକ ନିଜର ଅନ୍ତଃକରଣ ଓ ମନର ମଳିନତା ଉପରେ ଝାଡୁ ଲଗାଇ ତାହାକୁ ସର୍ବଦା ପବିତ୍ର ନିର୍ମଳ ରଖିବା ଉଚିତ । ଏହା ସହିତ ନିଜ ସାଧନାରେ ନିୟମିତତା ଓ ନିରନ୍ତରତା କାଏମ ରହିବା ଆବଶ୍ୟକ । ତେବେ ଯାଇ ଆମେ ଶବରୀଙ୍କ ପରି ନିଜ ଲକ୍ଷ୍ୟକୁ ପ୍ରାପ୍ତ କରିବାରେ ସଫଳ ହୋଇ ପାରିବା । ଶବରୀଙ୍କ ଭଳି ଆମକୁ ଜୀବନ ବ୍ୟବହାରରେ ସଦାବେଳେ ଈଶ୍ୱରଙ୍କ ସର୍ବଜ୍ଞତା, ସର୍ବବ୍ୟାପକତାର ବୋଧ ହେବା ଉଚିତ, ଯଦ୍ୱାରା ଆମେ ସର୍ବତ୍ର ଈଶ୍ୱରଙ୍କ ଉପସ୍ଥିତିର ଅନୁଭୂତ କରି ସର୍ବଦା ଶୁଭ କର୍ମ, ପୁଣ୍ୟ କର୍ମ କରିବା ଆଉ ପାପ କର୍ମ, ଖରାପ କର୍ମ, ଅଶୁଭ କର୍ମ କରିବା ଠାରୁ ଦୂରେଇ ରହିବା । ଯଦି ଆମେ ଏପରି କରି ପାରିବା ତେବେ ସାଧନାରେ ସଫଳତା ମିଳିବା ସୁନିଶ୍ଚିତ ଓ ପ୍ରଭୁଙ୍କ କୃପା ପ୍ରାପ୍ତ ହେବା ଅବଶ୍ୟମ୍ଭାବୀ ।

## ପିଲାଙ୍କ ସ୍ମରଣଶକ୍ତି ହ୍ରାସ କରିବ ସୋଡ଼ା

**ଅତ୍ୟଧିକ** କୋଲଡ୍ରିଙ୍କସ୍, ବୋତଲବନ୍ଦ ଜୁସ୍, ସୋଡ଼ା ଏବଂ ମିଠା ପାନୀୟର ସେବନ ଦ୍ୱାରା ଶରୀରରେ ଶର୍କରା ମାତ୍ରା ବୃଦ୍ଧି ପାଇଥାଏ । ଯଦ୍ୱାରା ମଧୁମେହ, ମେଦବୃଦ୍ଧି ଏବଂ ହୃଦରୋଗ ଭଳି ସମସ୍ୟା ସୃଷ୍ଟି ହୋଇଥାଏ । କିନ୍ତୁ ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି, ଅତ୍ୟଧିକ ସୋଡ଼ା ପାନ କରୁଥିବା ପିଲାଙ୍କ ସ୍ମରଣଶକ୍ତି ହ୍ରାସ ହେବାର ସମ୍ଭାବନା ରହିଛି । ଏହାସହ ଗର୍ଭାବସ୍ଥା ସମୟରେ ବୋତଲବନ୍ଦ ଜୁସ୍ କିମ୍ବା ଅତ୍ୟଧିକ ମିଠା ପାନୀୟ ସେବନ କରିବା ଦ୍ୱାରା ଗର୍ଭସ୍ଥ ଶିଶୁଠାରେ ମଧ ଏହି ସମସ୍ୟା ଦେଖା ଦେଇଥାଏ । ଆମେରିକା ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ପ୍ରତିଦିନ ୧୦ ଚାମଚ କିମ୍ବା ୧୫ ଗ୍ରାମ୍ ମିଠା ପାନୀୟ ସେବନ କରିବା ଦରକାର । ତା' ଠାରୁ ଅଧିକ ହେଲେ ସ୍ୱାସ୍ଥ୍ୟ ଏବଂ ମସ୍ତିଷ୍କ ପ୍ରତି ବିପଦ । ହାଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନେ ଦୀର୍ଘବର୍ଷ ଧରି ୧ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ନେଇ ଏହି ଗବେଷଣା କରିଥିଲେ । ଗବେଷଣା ସମୟରେ ସେମାନଙ୍କୁ ପ୍ରଚୁର ସୋଡ଼ା ଏବଂ କୋଲଡ୍ରିଙ୍କସ୍ ପିଇବାକୁ ଦିଆଯାଇଥିଲା । ଏହାସହ ଶବ୍ଦକୋଷ, ଗଣିତ ଭଳି ବିଷୟ ଉପରେ ଧ୍ୟାନକେନ୍ଦ୍ରିତ କରିବାକୁ ଦିଆଯାଇଥିଲା । ଶେଷରେ ଦେଖାଗଲା, ପିଲାଙ୍କ ସ୍ମରଣ ଶକ୍ତି ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଥିଲା । କୌଣସି ବିଷୟ ଉପରେ ସେମାନେ ଧ୍ୟାନ କେନ୍ଦ୍ରିତ କରିପାରି ନ ଥିଲେ ।

## ଜ୍ଞାନ ପ୍ରକାଶ ପ୍ରଦାୟିନୀ ଗୀତା ମାତା

**ଭା**ରତୀୟ ସଂସ୍କୃତିରେ ଗୀତାର ସ୍ଥାନ ଅତ୍ୟୁଚ୍ଚ । ଭାରତୀୟ ସାଧୁ ସନ୍ୟାସୀଙ୍କ ହୃଦୟରେ ଗୀତାର ଶ୍ଳୋକଗୁଡିକ ବୀଣାର ଝଙ୍କାର ପରି ଝଙ୍କୃତ ହେଉଥିବା ଦେଖାଯାଏ । କଥା ପ୍ରବଚନ କରୁଥିବା ବକ୍ତାମାନଙ୍କ ଠାରୁ ଆରମ୍ଭ କରି ବୟୋବୃଦ୍ଧ ଅଭିଭାବକଙ୍କ ପର୍ଯ୍ୟନ୍ତ ଗୀତାଠାରୁ ହିଁ ଜୀବନ ସୁଧାରାତ୍ମକ ନୀତିନିୟମର ଉପଦେଶ ଦିଅନ୍ତି । ଭାରତବର୍ଷ ଗୀତାର ହିଁ ସ୍ୱର୍ଣ୍ଣଲାଭ କରି ଧନ୍ୟ ହୋଇଛି । ଭାରତ ବାହାରର ଦେଶଗୁଡିକରେ ମଧ ଗୀତାଜ୍ଞାନର ଅମୃତ ନିର୍ଝର ପ୍ରବାସୀ ଭାରତୀୟଙ୍କ ସମେତ ସ୍ଥାନୀୟ ସମାଜକୁ ମଧ କୃତାର୍ଥ କରୁଥିବା ଦେଖାଯାଏ ।

ଗୀତାକୁ ଧର୍ମ ଅଧ୍ୟାତ୍ମର ତତ୍ତ୍ୱଜ୍ଞାନରୂପୀ ଆଲୋକ ପ୍ରସାରିତ କରୁଥିବା ଅମୂଲ୍ୟ କାବ୍ୟ କୁହାଯାଇ ପାରେ । ଯଦି ସମସ୍ତ ଶାସ୍ତ୍ରର ସାରାଂଶ କେଉଁଠି ଏକତ୍ରିତ ହୋଇଥିବା ଦେଖାଯାଏ, ତେବେ ତାହା ହେଉଛି 'ଗୀତା' । ଏହି ଜ୍ଞାନ ଗଙ୍ଗୋତ୍ରୀରେ ଅବଗାହନ କରି ଅଜ୍ଞାନୀ ସଦ୍‌ଜ୍ଞାନକୁ ପ୍ରାପ୍ତ କରେ, ପାପୀ ପାପ ତାପରୁ ମୁକ୍ତ ହୋଇଯାଏ ଓ ସୁଜ୍ଞାନୀ ତ ସଦା ଅତୁଳନୀୟ ଆନନ୍ଦର ରସାସ୍ୱାଦନ କରି ମସ୍ତ ରହିଥାଏ ।

ଗୀତାକୁ 'ମାତା' ବୋଲି କୁହାଯାଏ । ଏହା ଏଥିପାଇଁ ଯେ, ଯେଉଁପରି ମା ନିଜ ସନ୍ତାନକୁ ସୁପଥ ଦେଖାଇ ମହାନତାର ମାର୍ଗରେ ଅଗ୍ରସର ହେବା ପାଇଁ ପ୍ରେରିତ କରିଥାଏ, ସେହିପରି ଗୀତା ମଧ ନିଜର ସ୍ୱାଧ୍ୟାୟଶୀଳ ସୁଧୀ ସନ୍ତାନମାନଙ୍କୁ ଶାନ୍ତି, ସଦଗତି ଓ ନରୋତ୍ତମର ଉତ୍ତମ ପଥରେ ପ୍ରେରିତ କରିଥାଏ । କେବଳ ଗୀତାର ଅଧ୍ୟୟନ ହିଁ ସମସ୍ତ ଆଧାତ୍ମିକ ତୃଷ୍ଣା ନିବାରଣ ପାଇଁ ପର୍ଯ୍ୟାପ୍ତ । ଗୀତାର ଅନୁସରଣ କାରୀଙ୍କୁ ଅନ୍ୟ ଶିକ୍ଷା ନେବାର ଆବଶ୍ୟକତା ନାହିଁ । କାରଣ ଏହା ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖରୁ ବିନିସୃତ ।

ଗୀତାର ଯେତିକି ଅଧିକ ସ୍ୱାଧ୍ୟାୟ କରାଯାଏ, ସେତିକି ନୂତନ ଜ୍ଞାନରୂପୀ ହୀରାମୋତି ପ୍ରାପ୍ତ ହୁଏ । ମଣିଷକୁ ସର୍ବାଙ୍ଗପୂର୍ଣ୍ଣ, ନରରୁ ନାରାୟଣ ବନାଇବାର ସମସ୍ତ ତତ୍ତ୍ୱ ଗୀତାରେ ବିଦ୍ୟମାନ । ଭଗବାନ ଶ୍ରୀକୃଷ୍ଣ ସେହି ମହାନ୍ ଜ୍ଞାନରୂପୀ ଦୁଗ୍ଧକୁ ଉପନିଷଦରୂପୀ ଗାଭୀଠାରୁ ଦୋହନ କରି ବାହାର କରିଛନ୍ତି ଯାହାକୁ ଗୀତାମୃତ କୁହାଯାଏ ।

ଏଠାରେ 'ଗୋପାଳନନ୍ଦନ'ର ତାତ୍ପର୍ଯ୍ୟ ! ଗୋପାଳ ବାଳକମାନଙ୍କୁ ପାଳନ କରିବା ସହିତ ଆନନ୍ଦ ପ୍ରଦାନ କରିବା ଲୋକ, ଗୋବୃନ୍ଦଙ୍କୁ ଆନନ୍ଦର ସହ ପାଳନ କରିବା ଲୋକ, ଗୋପାଳନ କରୁଥିବା ଲୋକମାନଙ୍କୁ ଆନନ୍ଦିତ ରଖୁଥିବା ଲୋକ, ପ୍ରାଣୀ ଜଗତକୁ 'ଗୋ' ଅର୍ଥାତ୍ ରଶ୍ମିରୂପୀ ପାଳନାରେ ବସାଇ ଆନନ୍ଦର ସହ ଜୀବନ ବ୍ୟାପାର ପରିଚାଳିତ କରାଉଥିବା ଲୋକ । ଯଦି 'ଗୋ'ର ଅର୍ଥ 'ପଶୁ' କରାଯାଏ, ତେବେ ମଧ ଶିକ୍ଷା, ସଙ୍ଗୀତ, କଳା ଆଦି ବିଶେଷତାହୀନ ମଣିଷ ଏକ ପ୍ରକାରେ ପଶୁଭଳି ହୋଇଥାଏ ଓ ଏପରି ଅଜ୍ଞାନୀ ଲୋକଙ୍କୁ ବି ଯଦିଏ ଆନନ୍ଦର ସହ ପାଳନ କରନ୍ତି, ଏଭଳି ସର୍ବାନନ୍ଦମୟ ଓ ସର୍ବାନନ୍ଦ ପ୍ରଦାୟକ ପ୍ରଭୁ ଶ୍ରୀକୃଷ୍ଣ ସ୍ୱୟଂ ଉପନିଷଦ୍‌ଗୁଡିକୁ ମନ୍ଥନ କରି ପ୍ରାଣୀଙ୍କର ହିତ ହେତୁ ଗୀତାଜ୍ଞାନକୁ ପ୍ରକାଶିତ କରିଛନ୍ତି, ଏଣୁ ଗୀତା ନିଶ୍ଚିତରୂପେ ଅମୃତମୟୀ । ମଣିଷକୁ ପାର୍ଥପରି ଜିଜ୍ଞାସୁ ହୋଇ ଗୀତାମୃତ ପାନ କରିବାରେ ସଂଲଗ୍ନ ହୋଇଯିବା ଉଚିତ ।

ଗୀତାର ମହତ୍ତ୍ୱ ସାଧୁସନ୍ଥମାନେ ବଡ଼ ମାର୍ମିକ ଶବ୍ଦରେ ବ୍ୟକ୍ତ କରିଛନ୍ତି । ସନ୍ଥ ବିନୋବା ଭାବେ କହିଛନ୍ତି ସମସ୍ତ ଦୁଃଖୀ କଷ୍ଟର ନିବାରଣ ପାଇଁ ଗୀତାର ଶରଣ ଯାଆନ୍ତୁ । ମହାତ୍ମାଗାନ୍ଧୀ କହିଛନ୍ତି- 'ମୁଁ ସମସ୍ୟା ଗ୍ରସ୍ତ ହେଲେ ଗୀତା ମାତାଙ୍କ କୋଳକୁ ଚାଲିଯାଏ, ସେଠାରେ ମୋତେ ସମସ୍ତ ସମସ୍ୟାର ସମାଧାନ ମିଳିଯାଏ ।'

ଭାରତବର୍ଷରେ ଗୀତାର ସ୍ଥାନ ମାଆଙ୍କ ପରି ଅତ୍ୟନ୍ତ ପବିତ୍ର ଓ ଉଚ୍ଚ । ତେଣୁକରି ନ୍ୟାୟାଳୟରେ ମଧ ଶପଥ ପାଇଁ ଗୀତାର ହିଁ ଉପଯୋଗ କରାଯାଏ, କାରଣ ମାଆର ଶପଥ ନେଇ କେହି ମିଛ କହିବ ନାହିଁ ।

ଗୀତା ସମସ୍ତ ଧର୍ମଗ୍ରନ୍ଥଠାରୁ ଉଚ୍ଚରେ ପ୍ରକାଶ ପ୍ରଦାୟିନୀ ମାତା ପରି । ଏ କୌଣସି ଶାସ୍ତ୍ର ନୁହେଁ, କିନ୍ତୁ ସମସ୍ତ ସମସ୍ୟାକୁ କାଟ କରୁଥିବା ଦିବ୍ୟାସ୍ତ୍ର ଅଟେ ।

## ସମ୍ବଲପୁରରେ ସ୍ଥାପନ ହେବ ଏନଟିପିଆଇ କେନ୍ଦ୍ର : ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ: କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେସନ ଟେକ୍ନୋଲୋଜି ମନ୍ତ୍ରାଳୟ ଅଧୀନସ୍ଥ ସଂସ୍ଥା ସଫ୍ଟୱେୟାର ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ସମ୍ବଲପୁର ଠାରେ ଏକ ଏସଟିପିଆଇ କେନ୍ଦ୍ର ସ୍ଥାପନ ଲାଗି ପ୍ରକ୍ରିୟା ଜାରି ରହିଛି ବୋଲି ଲୋକସଭାରେ କେନ୍ଦ୍ର ରେଳ, ସଞ୍ଚାର ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେବଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ ଶ୍ରୀ ବୈଷ୍ଣବ ଜଣାଇଛନ୍ତି ଯେ ଏସଟିପିଆଇ କେନ୍ଦ୍ର ସ୍ଥାପନ ଲାଗି ରାଜ୍ୟ ସରକାର ୨.୭୫ ଏକର ଜମି ଏବଂ ଅଂଶଧନ ବାବଦକୁ ଛଅ କୋଟି ରାଶି ପ୍ରଦାନ କରିଛନ୍ତି । ଏସଟିପିଆଇ ନିଜସ୍ୱ ପାଣ୍ଠିରୁ ଛଅ କୋଟି ରାଶି ଖର୍ଚ୍ଚ କରି ସମ୍ବଲପୁର କେନ୍ଦ୍ର ପ୍ରତିଷ୍ଠା କରିବ ।

ସମ୍ବଲପୁରରେ ଆଇଟି ପାର୍କ ସ୍ଥାପନ ଲାଗି ଚଳିତ ଡିସେମ୍ବର ୭ରେ ଧାରା ୩୭୭ ଅନୁଯାୟୀ ଲୋକସଭାରେ ସ୍ଥାନୀୟ ସାଂସଦ ନିତେଶ ଗଙ୍ଗଦେବ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସମ୍ବଲପୁର ସଫ୍ଟୱେୟାର ପାର୍କ ସ୍ଥାପନ ମାଧ୍ୟମରେ ଉଚ୍ଚ ଶିକ୍ଷିତ ଯୁବକଯୁବତୀଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦିଆଯିବା ସହ ସ୍ଥାନୀୟ ଅଞ୍ଚଳର ଆର୍ଥିକ ପ୍ରଗତି ଘଟିବ ବୋଲି ସେ ଦର୍ଶାଇଥିଲେ ।

## ରେଳ ମଣ୍ଡଳରେ ଶକ୍ତି ସଂରକ୍ଷଣ ସପ୍ତାହ

ସମ୍ବଲପୁର: ସମ୍ବଲପୁର ରେଳ ମଣ୍ଡଳରେ ଜାତୀୟ ଶକ୍ତି ସଂରକ୍ଷଣ ସପ୍ତାହ ପାଳିତ ହୋଇ ଯାଇଛି । ଏଥିରେ ସମ୍ବଲପୁର ମଣ୍ଡଳର ବିଭିନ୍ନ ରେଳ ଷ୍ଟେସନ ଏବଂ ବିଭିନ୍ନ ସ୍ଥାନରେ ଶକ୍ତି ସଂରକ୍ଷଣର ବିଭିନ୍ନ ସ୍ଲୋଗାନ ସହିତ ବ୍ୟାନର ଷ୍ଟିକର, ପୋଷ୍ଟର ପ୍ରଦର୍ଶିତ କରାଯାଇ ଜନସଚେତନତା ଅଭିଯାନ କରାଯାଇଛି । ଏହି ଅବସରରେ ଶକ୍ତି ସଂରକ୍ଷଣ ଉପରେ ଏକ ୱେବିନାର ଆୟୋଜିତ ହୋଇଥିଲା । ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଏଥିରେ ଯୋଗଦେଇ ଶକ୍ତି ସଂରକ୍ଷଣ ପାଇଁ ଜନ ସଚେତନତା ଆବଶ୍ୟକ ବୋଲି କହିଥିଲେ । ଅନେକ କାରଣରୁ ଶକ୍ତି ସଂରକ୍ଷଣ ଗୁରୁତ୍ୱପୂର୍ଣ୍ଣ ଏବଂ ଲାଭଦାୟକ ତଥା ଏହା ଇକୋସିଷ୍ଟମ ପାଇଁ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ ଟେକେନ୍ଦ୍ର କୁମାର ଗୁନଡଲେ, ସହାୟକ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ ଭି ଶ୍ରୀନିବାସ ଏବଂ ବରିଷ୍ଠ ଅନୁଭାଗ ଯନ୍ତ୍ରୀ ଜିତେନ୍ଦ୍ର କୁମାର ସାହୁ ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ଏହି ୱେବିନାରରେ ମଣ୍ଡଳ ଅଧିକାରୀ ଓ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ । ଶେଷରେ ସହାୟକ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ ଭି ଶ୍ରୀନିବାସ ଧନ୍ୟବାଦ ଅର୍ପଣ କରିଥିଲେ ।

## କିଶୋର ମହାନ୍ତି ତାଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ

ଝାରସୁଗୁଡ଼ା: ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାନ୍ଦନିମାଳ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ ଓ ଉଦଘାଟନ ବିଧାୟକ କିଶୋର କୁମାର ମହାନ୍ତିଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଏଥିସହ ବିଜେଡିର ମିଶନ ପର୍ବ ଅନୁଷ୍ଠିତ ହୋଇଛି । ତବଲାମାଲ ଗ୍ରାମରେ ୫ ଲକ୍ଷ ଅଟକଳ ବ୍ୟୟରେ ମହିଳା ମିଶନ ଶକ୍ତି ଗୃହର



ଉଦଘାଟନ, ଚିଚିଣ୍ଡାରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ୪ ଲକ୍ଷ ବ୍ୟୟ ଅଟକଳରେ କୀର୍ତ୍ତନ ମଣ୍ଡପର ସମ୍ପୂର୍ଣ୍ଣକରଣ, କେଛୋବାହାଲରେ ଓପିଜିସି ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ୨୯ ଲକ୍ଷ ଅଟକଳ ବ୍ୟୟରେ କଲ୍ୟାଣ ମଣ୍ଡପର ଉଦଘାଟନ, ଚାନ୍ଦନିମାଲରେ ୫ ଲକ୍ଷ ଅଟକଳ ବ୍ୟୟରେ ମହିଳା ମିଶନ ଶକ୍ତି ଗୃହର ଉଦଘାଟନ ହୋଇ ଯାଇଛି । ଲୋଇସିଂ ପଞ୍ଚାୟତର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଠରକସପୁର ଠାରୁ ତିଲେଇମାଲ ରାସ୍ତାର ଉନ୍ନତିକରଣ ୫ କୋଟି ୭୨ ଲକ୍ଷ ୮୪ ହଜାର ୪୨୬ ଟଙ୍କା ବ୍ୟୟ ଅଟକଳରେ ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ପରିଷଦ ସଦସ୍ୟ ହର୍ଷ ଜଗତ, ସରପଞ୍ଚ ରିତୁ ସା, ଲକ୍ଷ୍ମୀ ମିଶ୍ର, ହେମନ୍ତ ଧୁରୁଆ, ଶତର ପ୍ରଧାନ, ସୁଶିଲ ବଡ଼ାଇ, ସଞ୍ଜୟ ସାଏ, ହେମିନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ । ଏହା ବ୍ୟତୀତ କୁଦୋପାଲି ପଞ୍ଚାୟତର କୁଦୋପାଲିରେ ମୁଖ୍ୟମନ୍ତ୍ରୀ ସମସ୍ୟା ପାଣ୍ଠିରୁ ୫ ଲକ୍ଷ ଅଟକଳ ବ୍ୟୟରେ ମୁକ୍ତେଶ୍ୱର ମନ୍ଦିରର ସମ୍ପୂର୍ଣ୍ଣୀକରଣର ଶୁଭାରମ୍ଭ ଏବଂ ଜଙ୍ଘା ଲିଙ୍ଗା ବଡ଼ଦେଓ ମନ୍ଦିରର ଭୋଗଘର ଶୁଭାରମ୍ଭ ହୋଇଯାଇଛି । ସରପଞ୍ଚ ମଞ୍ଜୁଲତା ବାଗ, ସମିତି ବିନୋଦିନୀ ପଟେଲ, ହୃଦାନନ୍ଦ ବାରିକ, ଉଦିତ ଚୌଧୁରୀ, ରଞ୍ଜନ ପେଟେଲ, ସନାତନ ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ । ପରେ କୁଦୋପାଲିଠାରେ ବିଜେଡିର ମିଶଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସର ପୂର୍ବତନ ମନ୍ତ୍ରୀ ଉପେନ୍ଦ୍ର ଦୀକ୍ଷିତଙ୍କ ଦାୟାଦ କୃଷ୍ଣଚନ୍ଦ୍ର ଦୀକ୍ଷିତ ଓ ସହଧର୍ମିଣୀ କଲ୍ୟାଣୀ ଦୀକ୍ଷିତଙ୍କ ସହିତ ଶତାଧିକ ମହିଳା ଓ ପୁରୁଷ ବିଧାୟକ ମହାନ୍ତିଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି । ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଜିଲ୍ଲା ଉପସଭାପତି କୁଳମଣି ଦାଶ, ଜିଲ୍ଲା ସଦସ୍ୟ ପ୍ରସନ୍ନ ଚୌଧୁରୀ, ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ନୃପ ତାଣ୍ଡିଆ, ମକରଧ୍ୱଜ କଉଡି, ଗଣେଶ ରାମ ବାଗ, ଗଜେନ୍ଦ୍ର ରୋହିଦାସ, ଓମ ପ୍ରକାଶ ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ଦିଲ୍ଲୀପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସୋମନାଥ ପୂଜାରୀ ସଭାପତିତ୍ୱ କରିଥିବା ବେଳେ କୃଷ୍ଣ ଚନ୍ଦ୍ର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ

ସୁନ୍ଦରଗଡ଼ : ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ ଓ ନୂତନ କର୍ମକର୍ତ୍ତା ଚୟନ ହୋଇ ଯାଇଛି । ଡକ୍ଟର ହିମାଂଶୁ ଶେଖର ଗୁରୁ ପୁନର୍ବାର ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଈଶ୍ୱର ଚନ୍ଦ୍ର ନାଏକ ଉପସଭାପତି, ସମୀର କୁମାର କର ସମ୍ପାଦକ, ରାମେଶ୍ୱର ହୋତା ସହ ସମ୍ପାଦକ ଓ ବାସୁଦେବ ସରାଫ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ନିର୍ବାଚନ ଅଧିକାରୀ ଫୟାଦ ଅଲ୍ଲୀ ନୂତନ କର୍ମକର୍ତ୍ତା ଓ ସଭ୍ୟମାନଙ୍କ ନାମ ଘୋଷଣା କରି ଶପଥପାଠ କରାଇଥିଲେ ।

## ମୋଡେଲ ଡିଗ୍ରୀ କଲେଜରେ ବୃକ୍ଷରୋପଣ

ସୁବର୍ଣ୍ଣପୁର: ସୋନପୁର ମୋଡେଲ ଡିଗ୍ରୀ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ର ଛାତ୍ରୀଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଣ ଶିକ୍ଷକ କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ କଲେଜ ପରିସରରେ ଏକ ବଗିଚା ନିର୍ମାଣ କରିଥିଲେ । ମୋଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ରୀ ଦେବାଶିଷ ମହାନ୍ତି ଛାତ୍ର ଛାତ୍ରୀଙ୍କୁ ବୃକ୍ଷ ଲଗାଇବା ଏବଂ ବୃକ୍ଷର ଯତ୍ନ ନେବା ଉପରେ ପରାମର୍ଶ ଦେଇଥିଲେ । ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ରାଣୀ ଜ୍ୟୋତିର୍ମୟୀ ସାହୁ ଓ ସମାପିକା ଦାସ ମଧ ଏଥିରେ ଭାଷଣ ଦେଇଥିଲେ ।

## କିଶୋର ନଗରରେ ଗୀତା ଜୟନ୍ତୀ ପାଳିତ

କଟକ : କିଶୋର ନଗରର ଭୋଇ ପଡ଼ାରେ ଥିବା ସତ୍ୟପ୍ରଜ୍ଞା ତପୋବନରେ ତିନିଦିନ ଧରି ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞା ନନ୍ଦ ସରସ୍ୱତୀ ଗୀତା ଉପରେ ପ୍ରବଚନ ଦେଇଥିଲେ । ସେହିପରି ସାଲେପୁରର ରଟିଲୋ ଠାରେ ସତ୍ୟପ୍ରଜ୍ଞା ନନ୍ଦଜୀ ପଞ୍ଚମୁଖୀ ହନୁମାନ ମନ୍ଦିରର ଶିଳାନ୍ୟାସ କରିଥିଲେ । ଏଥିରେ ଆଇନମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ମଧ ଯୋଗ ଦେଇଥିଲେ ।



## ସୁନାରୀ ଟାଙ୍ଗରପାଲିରେ ଦିବ୍ୟ ଦର୍ଶନ ଜ୍ଞାନ ଯଜ୍ଞ

ଝାରସୁଗୁଡ଼ା: ଦିବ୍ୟ ଦର୍ଶନ ଆନୁକୁଲ୍ୟରେ ଦିବ୍ୟ ଦର୍ଶନ ଜ୍ଞାନ ଯଜ୍ଞ ସୁନାରୀ ଟାଙ୍ଗରପାଲି ଗ୍ରାମରେ ପଣ୍ଡିତ ଶିବ ଶଙ୍କର ନନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭଗବତ ଗୀତା ଏବଂ ଲକ୍ଷ୍ମୀତତ୍ତ୍ୱ ଉପରେ ସତ୍ସଙ୍ଗ ଅନୁଷ୍ଠିତ ହୋଇଥିଲା । ଏହି ଜ୍ଞାନ ଯଜ୍ଞରେ ଦିବ୍ୟ ଦର୍ଶନର ଆଞ୍ଚଳିକ ସଦସ୍ୟ ଲକ୍ଷ୍ମଣ କୁମାର ପଟେଲ, ପଶ୍ଚିମାଞ୍ଚଳ ସମ୍ପାଦକ ରାଜ କୁମାର ପଟେଲ, ସମ୍ବଲପୁର ଶାଖାର ସଭାପତି ଗୋପୀନାଥ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ । ଗ୍ରାମର ଗୌନ୍ତିଆ ରମେଶଚନ୍ଦ୍ର ଶତପଥୀ ଯଜ୍ଞର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ପବିତ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅପୁଛା ମିଶ୍ର ଲକ୍ଷ୍ମୀ ପୁରାଣ ପାଠ କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# କୃଷ୍ଣକେଶବ ଷଡ଼ଙ୍ଗୀଙ୍କ 'ହନୁମଦ୍‌ଦ୍ୱାତ୍ରିଂଶିକା' ହନୁମାନ ଚାଳିଶାର ଅଦ୍ୱିତୀୟ ଭାଷ୍ୟ






ଭୁବନେଶ୍ୱର: ଚାରିଯୁଗରେ ହନୁମାନଙ୍କ ଦିବ୍ୟସତ୍ତା ବିଦ୍ୟମାନ । ବଳ-ବୁଦ୍ଧି-ବିଦ୍ୟା-ପ୍ରଦାୟକ ସେହି ମହାବୀର ହନୁମାନଙ୍କ ମହିମାକୁ ଗୋସ୍ୱାମୀ ତୁଳସୀ ଦାସ ସ୍ୱରଚତି ହନୁମାନ ଚାଳିଶାରେ ସାବଲୀଳ ଧାରାରେ ବର୍ଣ୍ଣନା କରିଛନ୍ତି । ଏହା ଗୋସ୍ୱାମୀ ତୁଳସୀଙ୍କ ସବୁଠାରୁ ଅଧିକ ଲୋକପ୍ରିୟ ସ୍ତୋତ୍ରଭାବରେ ସୁବିଦିତ । ଡାକ୍ତର କୃଷ୍ଣକେଶବ ଷଡଙ୍ଗୀଙ୍କ ରଚିତ "ହନୁମଦ୍‌ଦ୍ୱାତ୍ରିଂଶିକା' ସେହି ହନୁମାନ୍ ଚାଳିଶାର ଅନନ୍ୟ ଓ ସର୍ବବୃହତ୍ ଶାସ୍ତ୍ରୀୟ ଭାଷ୍ୟ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପୋଷଣ କରିଛନ୍ତି । ସ୍ଥାନୀୟ ଗୀତଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ପୁସ୍ତକ ସମୀକ୍ଷା ସଭାରେ ଉଦ୍‌ଘାଟକ ଭାବରେ ଯୋଗ ଦେଇ ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା-ଅଧ୍ୟକ୍ଷ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ କହିଥିଲେ ଯେ, ଡାକ୍ତର ଷଡଙ୍ଗୀଙ୍କ ରଚିତ ହନୁମାନ୍ ଚାଳିଶାର ଏହି ଶାସ୍ତ୍ରୀୟ ଭାଷ୍ୟ ଓ ତହିଁରେ ସ୍ଥାନିତ ସମାନ ଛନ୍ଦରେ ଚାଳିଶାର ସଂସ୍କୃତ ପଦ୍ୟାନୁବାଦଓ ସମଗ୍ର ଭାରତ ବର୍ଷରେ ଅଦ୍ୱିତୀୟ । ବିବିଧ ଶାସ୍ତ୍ରୀୟ ତଥ୍ୟ ଓ ତତ୍ତ୍ୱକୁ ଆଧାର କରି ରଚିତ ଏହି ପୁସ୍ତକରେ ଏକାଧାରରେ ଓଡିଆ, ଇଂରାଜୀ ଓ ସଂସ୍କୃତ



ଭାଷାର ପାଠକମାନଙ୍କ ଦ୍ୱାରା ବହୁଳଭାବରେ ଆଦୃତ ହେବ ବୋଲି ଆଶାବ୍ୟକ୍ତ କରିବା ସହିତ ଡାକ୍ତର ଷଡଙ୍ଗୀଙ୍କ ସାଧୁ ଉଦ୍ୟମ ଓ ପ୍ରତିଭାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

ଓଡିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅସୁର-ଦଳନ ଓ ସନ୍ଥପାଳନରେ ଦକ୍ଷ ମଙ୍ଗଳମୂର୍ତ୍ତି ହନୁମାନ୍‌ଙ୍କ ଉପାସନା ସଂପ୍ରତି କଳିଯୁଗରେ ବେଶ୍ ପ୍ରଭାବଶାଳୀ ଓ ରାମଭକ୍ତିର ସଂଚାରକ । ଡାକ୍ତର ଷଡଙ୍ଗୀଙ୍କ ରଚିତ ଏହି ତ୍ରିଭାଷୀ ଭାଷ୍ୟ ପାଠକମାନଙ୍କ ପାଇଁ ଅତ୍ୟନ୍ତ ଉପକାରୀ ହେବ ବୋଲି ସେ କହିଥିଲେ ।

ବିଶିଷ୍ଟ ରାମକଥା ବାଚକ ପଣ୍ଡିତ ଈଶ୍ୱର ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ସମୀକ୍ଷକ ଭାବେ ଯୋଗ ଦେଇ "ହନୁମଦ୍‌ଦ୍ୱାତ୍ରିଂଶିକା' ପୁସ୍ତକର ବିବିଧ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିବା ସହ ଗୋସ୍ୱାମୀ ତୁଳସୀ ଦାସଙ୍କ ସାଧନାରେ ହନୁମାନ୍‌ଙ୍କ କୃପାର ପ୍ରଭାବ ସଂପର୍କରେ ବିଶଦ ଆଲୋଚନା କରିଥିଲେ ଏବଂ ଏଭଳି ଅନବଦ୍ୟ କୃତି ନିମନ୍ତେ ଡାକ୍ତର ଷଡଙ୍ଗୀଙ୍କୁ ସାଧୁବାଦ ଦେଇଥିଲେ ।

ଭୁବନେଶର୍ ଭଞ୍ଜଭାରତୀର ସଭାପତି ତଥା ଭୁବନେଶ୍ୱର ଦୂରଦର୍ଶନର ପ୍ରାକ୍ତନ କାର୍ଯ୍ୟକ୍ରମ ମୁଖ୍ୟ ନୀଳାଦ୍ରିମୋହନ ଶତପଥୀ ଅଧ୍ୟକ୍ଷତା କରି ପୁସ୍ତକ-ଲେଖକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀଙ୍କ ସାରସ୍ୱତ ସାଧନାର ସମ୍ୟକ୍ ସୂଚନା ଦେବା ସହିତ ସଂପୃକ୍ତ ପୁସ୍ତକଟି ସମଗ୍ରଭାରତବର୍ଷର ରାମଭକ୍ତ ତଥା ହନୁମଦ୍ ଭକ୍ତମାନଙ୍କ ପାଇଁ ଅତୀବ ଉପାଦେୟ ହେବ ବୋଲି ମତ ଦେଇଥିଲେ । ପୁସ୍ତକର ପ୍ରଣେତା ଡାକ୍ତର ଷଡଙ୍ଗୀ ନିଜ ରଚିତ ପୁସ୍ତକଟିର ପୃଷ୍ଠଭୂମି ହନୁମାନ୍‌ଙ୍କ ସଂପର୍କରେ ପୁସ୍ତକରେ ଦିଆଯାଇଥିବା ଅଭିନବ ତତ୍ତ୍ୱ ଓ ଅନେକ ଅଜଣା ତଥ୍ୟର ଉପସ୍ଥାପନା କରିବା ସହ ପୁସ୍ତକରେ ପ୍ରଦତ୍ତ ହନୁମାନ ଚାଳିଶାର ସଂସ୍କୃତ ପଦ୍ୟାନୁବାଦର ମାଧୁର୍ଯ୍ୟକୁ ଆବୃତ୍ତି ମାଧ୍ୟମରେ ପରିବେଷଣ କରିଥିଲେ ।

ସୂଚନାଯୋଗ୍ୟଯେ, "ହନୁମଦ୍‌ଦ୍ୱାତ୍ରିଂଶିକା' ପୁସ୍ତକଟି ଗୋସ୍ୱାମୀ ତୁଳସୀଦାସକୃତ ଲୋକପ୍ରିୟ "ହନୁମାନ୍ ଚାଳିଶା' ସ୍ତୋତ୍ରର ସର୍ବବୃହତ୍ ଶାସ୍ତ୍ରୀୟ ଭାଷ୍ୟ । ଏଥିରେ ହନୁମାନ୍ ଚାଳିଶାର ସମଛନ୍ଦରେ ସଂସ୍କୃତ ପଦ୍ୟାନୁବାଦ ସହିତ ଓଡିଆ, ସଂସ୍କୃତ ଓ ଇଂରାଜୀ ଭାଷାରେ ବିଶଦ ବ୍ୟାଖ୍ୟା ରହିଛି ।

## ସମ୍ବଲପୁର ମାତା ମଠରେ ଗୀତା ଜୟନ୍ତୀ



ସମ୍ବଲପୁର: ମହାନ୍ତିପଡ଼ା ସ୍ଥିତ ମାତା ମଠରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ରାହ୍ମଣ ଓ ଭକ୍ତ ମାନଙ୍କର ଦ୍ୱାରା ସାମୁହିକ ଗୀତା ପାଠ ଓ ହବନ କରାଯାଇଥିଲା । ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଗୋପାଳ ପଣ୍ଡା



ପୂଜାର୍ଚ୍ଚନା କରିଥିଲେ । ଏଥିରେ ବୃନ୍ଦାବନର ଚତୁର୍ସମ୍ପ୍ରଦାୟ ବିରକ୍ତ ବୈଷ୍ଣବ ପରିଷଦ ତଥା ଅଖିଳ ଭାରତୀୟ ମାଧ୍ୱଗୌଡ଼େଶ୍ୱର ମହାସଭାର ଅଧ୍ୟକ୍ଷ ମହାମଣ୍ଡଳେଶ୍ୱର ମହନ୍ତ ଶ୍ରୀ ସଚ୍ଚିଦାନନ୍ଦ ଶାସ୍ତ୍ରୀ, କଣ୍ଟାବାଞ୍ଜିର ବାବା ଅଦ୍ୱୈତ ଚରଣ ଦାସ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଯୋଗ ଦେଇ ଗୀତା ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ ।

## ରାଜ୍ୟସ୍ତରୀୟ ନୀଳମଣି ବିଦ୍ୟାରତ୍ନ ଜୟନ୍ତୀ






ଭୁବନେଶ୍ୱର: ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କୁ ରାଜ୍ୟସ୍ତରୀୟ ଜୟନ୍ତୀ ଉଭୟ ପ୍ରତ୍ୟକ୍ଷ ଓ ଆଭାସୀ ମାଧ୍ୟମରେ ପାଳିତ ହୋଇଯାଇଛି । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡକ୍ଟର ଲେନିନ୍ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ଉତ୍ସବରେ ସଂସ୍କୃତିବିତ୍ ନିଳାଦ୍ରି ମୋହନ ଶତପଥି ମୁଖ୍ୟବକ୍ତା, ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ସୂଚନା ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସ୍ମୃତି ସଂସଦ ସମ୍ପାଦକ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ । ସକାଳେ ଜୟଦେବ ବିହାର ସ୍ଥିତ ପଣ୍ଡିତ ନୀଳମଣିଙ୍କ ପ୍ରତିମୂର୍ତ୍ତିରେ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା ।

## ସମ୍ବଲପୁରୀ ପତ୍ରିକା 'ଉଦିଆଁ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ

ସମ୍ବଲପୁର : ସମ୍ବଲପୁରୀ ସାହିତ୍ୟ ପତ୍ରିକା 'ଉଦିଆଁ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି, ଡକ୍ଟର ଦ୍ୱାରିକାନାଥ ନାୟକ, ଅମୃତଲାଲ ସାହୁ ସମ୍ମାନିତ ଅତିଥି ଓ କବି ବିପିନ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପତ୍ରିକାର ସମ୍ପାଦକ ସୁଶିଲ କୁମାର ତ୍ରିପାଠୀ ଅତିଥି ପରିଚୟ ଓ ଅନିଲ ଦାଶ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପଶ୍ଚିମ ଓଡ଼ିଶାର କବି, ଲେଖକ, ସାହିତ୍ୟିକମାନଙ୍କ ସାରସ୍ୱତ ଭେଟଘାଟ ହୋଇଥିଲା ।



## ଲରମ୍ଭା କଲେଜରେ ଆନ୍ତଃ କଲେଜ ଫୁଟବଲ ଟୁର୍ଣ୍ଣାମେଣ୍ଟ




ଅତାବିରା : ଲରମ୍ଭା କଲେଜରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆନ୍ତଃକଲେଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ଏଥିରେ ବରଗଡ଼ର ତୋରା କଲେଜକୁ ଧମାସ୍ଥିତ ଝାଡେଶ୍ୱରୀ କଲେଜ ୨ ଗୋଲରେ ପରାଜିତ କରି ଚମ୍ପିଅନ ହୋଇଥିଲା । ବରଗଡ଼ର ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra